ରବିବାର

ସକାଳ
THE SAKALA

# ସିନ୍ଧୁରା

୨୫-୩୧ ଜାନୁଆରୀ , ୨୦୨୬


- ଐତିହ୍ୟ ଓ ସଂସ୍କୃତିର ନୀରବ ସାକ୍ଷୀ
- ଖଣ୍ଡଗିରି-ଉଦୟଗିରିର ପ୍ରାଚୀନ ଗୁମ୍ଫା
- ହାତୀଗୁମ୍ଫା ଶିଳାଲେଖ
- ଖଣ୍ଡଗିରି ଓ ଉଦୟଗିରିର ପୁଣ୍ୟ ପୀଠ
- ପଞ୍ଚତୀର୍ଥ





# ଖଣ୍ଡଗିରି



ଓଡ଼ିଶାର ପ୍ରାଚୀନ ଐତିହାସିକ ପାହାଡ଼ ମଧ୍ୟରୁ ଖଣ୍ଡଗିରି ଅନ୍ୟତମ । ଖଣ୍ଡଗିରି ସଂଲଗ୍ନରେ ରହିଛି ଅନ୍ୟତମ ପୁରାତନ ପାହାଡ଼ ଉଦୟଗିରି । ଏକଦା ଘଞ୍ଚ ଅରଣ୍ୟରେ ପରିପୂର୍ଣ୍ଣ ଥିଲା ଏହି ପାହାଡ଼ ଦୁଇଟି । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ମୁଗ୍ଧ କରୁଥିଲା ପର୍ଯ୍ୟଟକମାନଙ୍କୁ । ସେହିପରି ସାଧୁ, ସନ୍ଥଙ୍କ ଆଗମନରେ ପବିତ୍ର ହୋଇଉଠୁଥିଲା ଏଠାକାର ପରିବେଶ । ଭୁବନେଶ୍ୱରରେ ଅବସ୍ଥିତ ଏହି ଐତିହାସିକ ପାହାଡ଼ରେ ରହିଛି ଅନେକ ପୁରାତନ ଗୁମ୍ଫା । ଏଠାକାର ଗୁମ୍ଫାଗୁଡ଼ିକ ପ୍ରତ୍ନତତ୍ତ୍ୱ ଓ ଧାର୍ମିକ ଦୃଷ୍ଟିରୁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ଗୁମ୍ଫାଗୁଡ଼ିକର ନିର୍ମାଣ ଶୈଳୀ ଅତ୍ୟନ୍ତ ଆକର୍ଷଣୀୟ ଓ ମନୋମୁଗ୍ଧକର । ପ୍ରତିଟି ଗୁମ୍ଫାରେ ରହିଛି ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ଚିତ୍ର । ତେବେ କେତେକ ଗୁମ୍ଫା ଧ୍ୱସ୍ତ ହୋଇଗଲାଣି । ଏହି ଗୁମ୍ଫାଗୁଡ଼ିକରେ ସାଧୁସନ୍ଥମାନେ କଠୋର ତପସ୍ୟା କରି ଶାନ୍ତିରେ ସମାଧି ନେଉଥିଲେ । ବିଦ୍ୱାନ ବ୍ୟକ୍ତିମାନେ ସତ୍ୟ, ଶାନ୍ତି, ମୋକ୍ଷ ଓ ସୌନ୍ଦର୍ଯ୍ୟବୋଧ ପାଇଁ ଏଠାକୁ ଆସୁଥିଲେ । ସେହିପରି ଏଠାରେ ଥିବା ହାତୀ ଗୁମ୍ଫା ଶିଳାଲେଖରେ ଓଡ଼ିଆ ଭାଷାର ପ୍ରାଚୀନ ରୂପ ଦେଖିବାକୁ ମିଳିଥାଏ । ଖଣ୍ଡଗିରି ପାହାଡ଼ ଓ ଆଖପାଖରେ ରହିଛି ଅନେକ ମନ୍ଦିର, ମଠ ଓ ଆଶ୍ରମ । ଏଠାକାର ଆଧ୍ୟାତ୍ମିକ ପରିବେଶ ସାଧୁସନ୍ଥ, ପର୍ଯ୍ୟଟକ, ଦର୍ଶକମାନଙ୍କୁ ଭକ୍ତି ଭାବରେ ବିଭୋର କରେ । ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ଐତିହାସିକ କୀର୍ତ୍ତିରାଜି, ବାସ୍ତୁକଳା, ଓଡ଼ିଶାର ପ୍ରାଚୀନ କଳା ଓ ସଂସ୍କୃତି ସଂପର୍କରେ ଜାଣିବା ପାଇଁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମେ ଏହି ଐତିହାସିକ ପାହାଡ଼ରେ । ଆଜି ସମୟ ବଦଳି ଯାଇଛି । ତଥାପି ପ୍ରାଚୀନ କୀର୍ତ୍ତିରାଜି ଦେଖିବା ପାଇଁ ପର୍ଯ୍ୟଟକଙ୍କ ଭିତରେ ଆଗ୍ରହ ବଢ଼ିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଐତିହାସିକ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ର ବିଶେଷତ୍ୱକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା: **ଖଣ୍ଡଗିରି**

**ପ୍ରସ୍ତୁତି 'ସକାଳ' ବ୍ୟୁରୋ**



ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମବାରରେ ରାଜନୀତିରେ ନିଜର ପ୍ରଭାବ ବିସ୍ତାର କରିବେ । ମଙ୍ଗଳ, ବୁଧବାରରେ ଦୀର୍ଘଦିନ ଧରି ପଡ଼ିଥିବା କାର୍ଯ୍ୟ ପୂର୍ଣ୍ଣ ହେବ । ଗୁରୁ, ଶୁକ୍ରବାରରେ ଜୀବନସାଥୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ । ଶନିବାରରେ ସାଙ୍ଗସାଥୀଙ୍କ ସହାୟତାରେ ବ୍ୟବସାୟରେ ଉନ୍ନତି କରିବେ ।

**ବୃଷ**
ରବି, ସୋମବାରରେ କୌଣସି ସ୍ଥାନରୁ ଶୁଭ ଖବର ପାଇବେ । ମଙ୍ଗଳ, ବୁଧବାରରେ ଦାମ୍ପତ୍ୟ ଜୀବନରେ ଭିନ୍ନ ମୋଡ଼ ସୃଷ୍ଟି ହୋଇପାରେ । ଗୁରୁ, ଶୁକ୍ରବାରରେ ସରକାରୀ କାର୍ଯ୍ୟ ପୂର୍ଣ୍ଣ ହେବ । ଅତ୍ୟଧିକ ଖର୍ଚ୍ଚ ଚିନ୍ତାର କାରଣ ହୋଇପାରେ । ଶନିବାରରେ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ସଫଳତା ପାଇବେ ।

**ମିଥୁନ**
ରବି, ସୋମବାରରେ ନୂଆଲୋକଙ୍କ ସହ ସମ୍ପର୍କ ଯୋଡ଼ି ହେବ । ମଙ୍ଗଳ, ବୁଧବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ । ଗୁରୁ, ଶୁକ୍ରବାରରେ ଅସହାୟ ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ପାଇବେ । ଶନିବାରରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଉପୁଜିପାରେ ।

**କର୍କଟ**
ରବି, ସୋମବାରରେ ନକାରାତ୍ମକ ଭାବନାରୁ ଦୂରେଇ ରୁହନ୍ତୁ । ଅକସ୍ମାତ୍ ଧନ ଆଗମନର ସମ୍ଭାବନା ରହିଛି । ମଙ୍ଗଳ, ବୁଧବାରରେ କଥା କହିବା ସମୟରେ ବାକ୍ୟ ଉପରେ ସଂଯମତା ରକ୍ଷା କରନ୍ତୁ । ଗୁରୁ, ଶୁକ୍ରବାରରେ କଠିନ ପରିଶ୍ରମର ଫଳ ପାଇବେ । ଶନିବାରରେ ସମସ୍ୟା ସମାଧାନର ରାସ୍ତା ପାଇବେ ।

**ସିଂହ**
ରବି, ସୋମବାରରେ ଜୀବନରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । ମଙ୍ଗଳ, ବୁଧବାରରେ ବିଦେଶ ଯାତ୍ରା ଯୋଗ ରହିଛି । ଗୁରୁ, ଶୁକ୍ରବାରରେ ପରିବାର ସହ କୌଣସି ଧାର୍ମିକସ୍ଥଳୀ ଯାଇପାରନ୍ତି । ସନ୍ତାନମାନଙ୍କ ଉନ୍ନତି ଦେଖି ଆନନ୍ଦିତ ହେବେ । ଶନିବାରରେ ବିଭିନ୍ନ କ୍ଷେତ୍ରରୁ ଲାଭ ପାଇବେ ।

**କନ୍ୟା**
ରବି, ସୋମବାରରେ ପୈତୃକ ସମ୍ପତ୍ତିର ଅଧିକାରୀ ହେବେ । ବ୍ୟବସାୟ ପାଇଁ ନୂତନ ସୁଯୋଗ ପାଇବେ । ମଙ୍ଗଳ, ବୁଧବାରରେ ଆର୍ଥିକ ସ୍ଥିତି ମଜଭୁତ ହେବ । ଯାତାୟାତରେ ସାବଧାନ ରୁହନ୍ତୁ । ଗୁରୁ, ଶୁକ୍ରବାରରେ କର୍ମକ୍ଷେତ୍ରରେ ପରିଶ୍ରମର ଫଳ ପାଇବେ । ଶନିବାରରେ ଜୀବନସାଥୀଙ୍କ ସହଯୋଗ ପାଇବେ ।

**ତୁଳା**
ରବି, ସୋମବାରରେ ପରିବାର ସହଯୋଗ କ୍ରମେ ଆଗକୁ ଅଗ୍ରସର ହେବେ । ମଙ୍ଗଳ, ବୁଧବାରରେ ସମାଜରେ ସମ୍ମାନ ବଢ଼ିବ । ନିଜ ଲକ୍ଷ୍ୟ ପୂରଣ କରିବା ଦିଗରେ କାର୍ଯ୍ୟ କରିବେ । ଗୁରୁ, ଶୁକ୍ରବାରରେ କାର୍ଯ୍ୟକ୍ଷେତ୍ରରେ ବାଧା ଉପୁଜିପାରେ । ଶନିବାରରେ କ୍ୟାରିୟରରେ ନୂତନ ଦିଗନ୍ତ ସୃଷ୍ଟି ହେବ ।

**ବିଛା**
ରବି, ସୋମବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟ ପ୍ରତି ସମ୍ପୂର୍ଣ୍ଣ ଯତ୍ନବାନ ହେବାକୁ ପଡ଼ିବ । କର୍ମସ୍ଥଳୀରେ ଉତ୍ସାହିତ ରହିବେ । ମଙ୍ଗଳ, ବୁଧବାରରେ ବାକ୍ୟ ଉପରେ ସଂଯମତା ରକ୍ଷା କରନ୍ତୁ । ଗୁରୁ, ଶୁକ୍ରବାରରେ ଦୂରଯାତ୍ରାରୁ ଲାଭବାନ ହେବେ । ଶନିବାରରେ ପରିବାରରେ ଲାଗିରହିଥିବା ଭୁଲ ବଝାମଣାକୁ ଦୂର କରିବେ ।

**ଧନୁ**
ରବି, ସୋମବାରରେ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେବ । ମଙ୍ଗଳ, ବୁଧବାରରେ ଶତ୍ରୁବୃଦ୍ଧି ହେବା ସହ କାର୍ଯ୍ୟହାନି ହୋଇପାରେ । ଗୁରୁ, ଶୁକ୍ରବାରରେ ମହିଳାମାନେ ଚଳଚଞ୍ଚଳ ରହିବେ । ବ୍ୟବସାୟିକ ପ୍ରସାର ହେବ । ଶନିବାରରେ ସମାଜରେ ପ୍ରତିଷ୍ଠା ବୃଦ୍ଧି, ସୁଖସନ୍ତୋଷ ପ୍ରାପ୍ତି ହେବ ।

**ମକର**
ରବି ,ସୋମବାରରେ କୌଣସି କାର୍ଯ୍ୟ କରିବା ପୂର୍ବରୁ ସାବଧାନ ରୁହନ୍ତୁ । ମଙ୍ଗଳ, ବୁଧବାରରେ କ୍ୟାରିୟର ନେଇ କିଛି ସମସ୍ୟା ଦେଖାଦେଇପାରେ । ଗୁରୁ, ଶୁକ୍ରବାରରେ କର୍ମସ୍ଥଳୀରେ ଉଚ୍ଚ ଅଧିକାରୀଙ୍କ ସଂପୂର୍ଣ୍ଣ ସହଯୋଗ ପାଇବେ । ଶନିବାରରେ ଅଯଥା କାର୍ଯ୍ୟରେ ସମୟ ନଷ୍ଟ କରନ୍ତୁ ନାହିଁ ।

**କୁମ୍ଭ**
ରବି, ସୋମବାରରେ ସନ୍ତାନମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିବେ । ମଙ୍ଗଳ, ବୁଧବାରରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରା ହୋଇପାରେ । ଗୁରୁ, ଶୁକ୍ରବାରରେ ବେରୋଜଗାରୀମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ । ଶନିବାରରେ ପାରିବାରିକ ନିବିଡ଼ତା ବୃଦ୍ଧି ପାଇବ ।

**ମୀନ**
ରବି, ସୋମବାରରେ ପରିବାରରେ ଆନନ୍ଦଉଲ୍ଲାସ ଦେଖାଦେବ । ମଙ୍ଗଳ, ବୁଧବାରରେ ବିଭିନ୍ନ କ୍ଷେତ୍ରରୁ ସଫଳତା ପାଇବେ । ବ୍ୟବସାୟ ବିସ୍ତାର ପାଇଁ ନୂତନ ପଥ ଉନ୍ମୋଚନ ହେବ । ଗୁରୁ, ଶୁକ୍ରବାରରେ ସୁଖ ସନ୍ତୋଷର ଅଧିକାରୀ ହେବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଶନିବାରରେ ମହିଳାମାନେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ ।







# କଳା, ଐତିହ୍ୟ ଓ ସଂସ୍କୃତିର ନୀରବ ସାକ୍ଷୀ

# ଖଣ୍ଡଗିରି - ଉଦୟଗିରି


ଓଡ଼ିଶାର ପ୍ରାକୃତିକ ବିଭବ ଜାତିର ଅସ୍ମିତାର ଅଭିବୃଦ୍ଧିରେ ସହାୟକ ହୋଇଥାଏ ଏହା ସୁନିଶ୍ଚିତ । ନଦୀ, ଝରଣା, ପାହାଡ଼, ଜଳ ପ୍ରପାତ, ସମୁଦ୍ର, ବେଳାଭୂମି, ମାଳଭୂମି ଓ ନିଘଞ୍ଚ ଜଙ୍ଗଲ ପ୍ରଭୃତି ଓଡ଼ିଶାର ସମୃଦ୍ଧି ଦିଗରେ ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଅନେକ ପାହାଡ଼, ପର୍ବତ ପ୍ରଭୃତି ପ୍ରାକୃତିକ ସୃଷ୍ଟି ମାନବ ସମାଜ ପାଇଁ ବରଦାନ ସଦୃଶ୍ୟ କାର୍ଯ୍ୟ କରିଥାଏ । ଭାରତ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ଏହି ପାହାଡ଼, ପର୍ବତ, ସାମାଜିକ, ଆର୍ଥିକ, ଧାର୍ମିକ ଓ ସାଂସ୍କୃତିକ ଉନ୍ନତିରେ ସହାୟକ ହୋଇ ଆସିଛି । ଏପରିକି ରାଜନୈତିକ ଦୃଶ୍ୟପଟରେ ଅବଲୋକନ କଲେ ଗିରିଦୁର୍ଗ, ରାଜପ୍ରସାଦ ସୁରକ୍ଷା ଓ ନିରାପତ୍ତା ଦୃଷ୍ଟିରୁ ପାହାଡ଼, ପର୍ବତ ଜନଜୀବନକୁ ଗଭୀର ଭାବରେ ଅନୁପ୍ରାଣିତ ଓ ପ୍ରଭାବିତ କରିଅଛି । ମହେନ୍ଦ୍ରଗିରି, ଦେଓମାଳି, ନିୟମଗିରି, ଗନ୍ଧମାର୍ଦ୍ଦନ, ଚନ୍ଦ୍ରଗିରି, ଦାରିଙ୍ଗିବାଡ଼ି, ଓଳାଶୁଣି, ମାଲ୍ୟଗିରି, ଦେଉଳି, ଟେନ୍‌ସା, ଗୋନାସିକା, ତପ୍ତପାଣି, ମାଙ୍କଡ଼ନାଚ, ବରୁଣେଇ, ଧଉଳି, ରତ୍ନଗିରି ଏହି ପର୍ବତଗୁଡ଼ିକ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ସେଗୁଡ଼ିକର ଗୁରୁତ୍ୱ ଉପଲବ୍ଧ କରାଯାଇଥାଏ । ପ୍ରାକୃତିକ ଖଣିଜ ସମ୍ପଦ, ଜୈବ ବିବିଧତା, ନଦୀ, ଝରଣା, ପ୍ରଭୃତି ଜଳାଶୟମାନଙ୍କର ଉତ୍ସ ଏହି ପର୍ବତ ଶ୍ରେଣୀର ଅଟନ୍ତି । ଓଡ଼ିଶାର ରାଜଧାନୀ ମନ୍ଦିରମାଳିନୀ ଏକାମ୍ର କ୍ଷେତ୍ର ଭୁବନେଶ୍ୱରର ମଧ୍ୟଭାଗରେ ଅବସ୍ଥିତ ଐତିହ୍ୟ ଓ ସଂସ୍କୃତି ବିମଣ୍ଡିତ ଖଣ୍ଡଗିରି-ଉଦୟଗିରି ପାହାଡ଼ । ଓଡ଼ିଶାର ଗୌରବମୟ ଇତିହାସର ଇତିକଥାରେ ଏକ ସ୍ୱର୍ଣ୍ଣାଭ ଓ ସ୍ମରଣୀୟ ଅଧ୍ୟାୟର ଅଧିକାରୀ ଖଣ୍ଡଗିରି ଓ ଉଦୟଗିରି । ଏହି ଦୁଇ ପାହାଡ଼ର ବିଶେଷତ୍ୱକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।



ଅଧ୍ୟାପକ ପବିତ୍ର ମୋହନ ବାରିକ

## ଆକର୍ଷଣୀୟ ପ୍ରାଚୀନ ପାହାଡ଼

ଏକାମ୍ର କ୍ଷେତ୍ର ଭୁବନେଶ୍ୱରର ଅନ୍ୟତମ ପର୍ଯ୍ୟଟନ ପୀଠ ହେଉଛି ଖଣ୍ଡଗିରି ଓ ଉଦୟଗିରି । ସର୍ବଦା ସାଧୁ, ସନ୍ନ୍ୟାସୀ, କବି, ଭାବୁକ, ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରି ଆସିଛି ଏହି ଐତିହ୍ୟ ସଂପନ୍ନ ପାହାଡ଼ । ଏହି ଦୁଇ ଅନୁଚ୍ଚ ପାହାଡ଼ ଧର୍ମ ଓ ସାହିତ୍ୟ ପୃଷ୍ଠାକୁ ମଧ୍ୟ ବିମଣ୍ଡିତ କରିଛନ୍ତି । ଖଣ୍ଡଗିରି ପାହାଡ଼ର ଉଚ୍ଚତା ୪୪ ମିଟର ଓ ଉଦୟଗିରି ପାହାଡ଼ର ଉଚ୍ଚତା ପ୍ରାୟ ୩୪ ମିଟର । ଖଣ୍ଡଗିରି ଓ ଉଦୟଗିରି (ଅକ୍ଷାଂଶ ୨୦ ଡିଗ୍ରୀ ୧୭' ଉତ୍ତର, ଦ୍ରାଘିମା ୮୫ ଡିଗ୍ରୀ ୪୭') ଯୁଗ୍ମ ପର୍ବତ ଶତାବ୍ଦୀ ଶତାବ୍ଦୀ ଧରି ଏହି ଜନପ୍ରିୟ ଐତିହ୍ୟ ସ୍ଥଳୀ ରାଜଧାନୀ ଭୁବନେଶ୍ୱରକୁ ଗୌରବମଣ୍ଡିତ କରିବା ସହିତ ପୂର୍ବଜମାନଙ୍କ ଶ୍ରଦ୍ଧା, ଅନୁରାଗ ସୃଷ୍ଟି କରୁଛି । 'ଏକାମ୍ର ଚନ୍ଦ୍ରିକା' ପୁରାଣରୁ ଜଣାଯାଏ ଯେ, ଶାଖା, ପ୍ରଶାଖା ପ୍ରସାରିତ ଅତି ବିଶାଳ ଆମ୍ର ବୃକ୍ଷ ଭୁବନେଶ୍ୱରର ମଧ୍ୟଭାଗରେ ରହିଥିଲା । ଆମ୍ର ବୃକ୍ଷ ମୂଳରେ ତ୍ରିଭୁବନେଶ୍ୱର ପ୍ରଭୁ ଲିଙ୍ଗରାଜ ବିରାଜମାନ କରିଥିଲେ । ଚକ୍ରାକାରରେ ସୁବିସ୍ତୃତ ସେହି ଆମ୍ର ବୃକ୍ଷର ପୂର୍ବ ପାର୍ଶ୍ୱ ଶାଖା ଭାବ କୁଣ୍ଡେଳଶ୍ୱର, ଉତ୍ତର ପାର୍ଶ୍ୱ ଶାଖା ବରାହ ଦେବୀ, ଦକ୍ଷିଣ ପାର୍ଶ୍ୱ ଶାଖା ବହି ରଙ୍ଗେଶ୍ୱର ଓ ପଶ୍ଚିମ ପାର୍ଶ୍ୱ ଶାଖା ଖଣ୍ଡଗିରି ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ତେଣୁ ଭୁବନେଶ୍ୱର ଏକାମ୍ର କ୍ଷେତ୍ରର ଅନ୍ୟନାମ ଚକ୍ରକ୍ଷେତ୍ର । ଚକ୍ରକ୍ଷେତ୍ର ପଶ୍ଚିମ କୋଣରେ ଖଣ୍ଡଗିରି- ଉଦୟଗିରି ଅବସ୍ଥିତ ।



## ନାମକରଣ

ଖଣ୍ଡଗିରି-ଉଦୟଗିରିର ପୂର୍ବନାମ ଥିଲା ଯଥାକ୍ରମେ କୁମାର ପାହାଡ଼ ଓ କୁମାରୀ ପାହାଡ଼ । ମହାମେଘବାହନ ଐର ଖାରବେଳଙ୍କ ହାତୀ ଗୁମ୍ଫା ଶିଳାଲେଖରେ କୁମାର ପର୍ବତ ଓ କୁମାରୀ ପର୍ବତ ନାମ ଉଲ୍ଲେଖ ଅଛି । ଉଦ୍ୟତ କେଶରୀଙ୍କ ଖଣ୍ଡଗିରିସ୍ଥ ଏକ ଶିଳାଲେଖରେ କୁମାର ପର୍ବତ ନାମ ମଧ୍ୟ ଉଲ୍ଲେଖ ଅଛି । କୁମାର ଓ କୁମାରୀ ପର୍ବତର ନାମକରଣ କାର୍ତ୍ତିକେୟଙ୍କ ନାମାନୁସାରେ ହୋଇଥିବା ଜଣାଯାଏ । 'ଅମରକୋଷ'ରେ ଥିବା କାର୍ତ୍ତିକେୟଙ୍କର ଶକ୍ତି 'କୌମାରୀ' । ସେ ସପ୍ତ ମାତୃକା ମଧ୍ୟରେ ଉପାସିତ ହୁଅନ୍ତି । ଜୈନ ଓ ବୌଦ୍ଧ ଧର୍ମର ପ୍ରାଧାନ୍ୟ ଥିବା ସମୟରେ 'କୁମାର-କୁମାରୀ ଗିରି' ନାମ ବଳବତ୍ତର ଥିଲା । ପରବର୍ତ୍ତୀ ସମୟରେ ବ୍ରାହ୍ମଣ ଧର୍ମର ଉତ୍‌ଥାନ ସହିତ ଏହି ନାମ ପରିବର୍ତ୍ତେ କାର୍ତ୍ତିକେୟଙ୍କର ଅନ୍ୟନାମ "ସ୍କନ୍ଧ" ପ୍ରାଧାନ୍ୟ ପାଇଲା । ତେଣୁ ଏହି ପାହାଡ଼ର ନାମ ହେଲା ସ୍କନ୍ଧ ଗିରି । କାଳକ୍ରମେ ଏହା ଅପଭ୍ରଂଶ ହୋଇ ଖଣ୍ଡଗିରି ନାମ ଧାରଣ କଲା । କୁମାରୀ ପର୍ବତ କିପରି ଉଦୟ ଗିରି ହେଲା ତାହା ନିର୍ଦ୍ଦିଷ୍ଟ ଭାବରେ ଜଣାଯାଏ ନାହିଁ । 'ସ୍ୱର୍ଣ୍ଣାଦି ମହୋଦୟ'ରେ ଏହି ଦୁଇ ପାହାଡ଼ 'ଖଣ୍ଡାଚଳ' ଓ 'ଉଦୟାଚଳ' ନାମରେ ଉଲ୍ଲେଖ ଅଛି ।




## ଜୈନ ସନ୍ଥଙ୍କ ସାଧନାର ପୀଠ

ଖଣ୍ଡଗିରି-ଉଦୟଗିରି ଜୈନ ଧର୍ମ ସହିତ ସମ୍ପୃକ୍ତ। ଜୈନ ଧର୍ମର ୨୩ ତମ ତୀର୍ଥଙ୍କର- ପାର୍ଶ୍ୱନାଥ। ଜୈନ ଧର୍ମ ଗ୍ରନ୍ଥ 'ଭଗବତୀ ସୂତ୍ର' ଓ 'କ୍ଷେତ୍ର ସମାସ'ରୁ ଜଣାଯାଏ ଯେ, ସେ ଅଙ୍ଗ, ବଙ୍ଗ ଓ କଳିଙ୍ଗ ତାଙ୍କର ତପଭୂମି ଥିଲା। ପାର୍ଶ୍ୱନାଥଙ୍କ ଦେହବସାନ ପରେ କଳିଙ୍ଗବାସୀ ତାଙ୍କର ଏକ ପ୍ରତିମୂର୍ତ୍ତି ଖଣ୍ଡଗିରିଠାରେ ପୂଜା କରୁଥିଲେ। ଏହା କଳିଙ୍ଗ ଜିନ ନାମରେ ଖ୍ୟାତ। ଖ୍ରୀ.ପୂ. ଚତୁର୍ଥ ଶତାବ୍ଦୀରେ ମଗଧର ନନ୍ଦ ରାଜା କଳିଙ୍ଗର ଜିନ ମୂର୍ତ୍ତିକୁ ରାଜଧାନୀ ପାଟଳି ପୁତ୍ରକୁ ନେଇ ଯାଇଥିଲେ। ତିନି ଶହ ବର୍ଷ ପରେ ସମ୍ରାଟ ଖାରବେଳ ଖ୍ରୀ.ପୂ. ପ୍ରଥମ ଶତାବ୍ଦୀରେ ସମ୍ରାଟ ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରି କଳିଙ୍ଗ ଜିନକୁ ଫେରାଇ ଆଣିଥିଲେ। ଶତାବ୍ଦୀ-ଶତାବ୍ଦୀ ଧରି ଖଣ୍ଡଗିରି-ଉଦୟଗିରି ଜୈନ ଧର୍ମର ଆର୍ହତମାନଙ୍କର ସିଦ୍ଧି ଓ ସାଧନାର ପୀଠ ଥିଲା। ହରିଭଦ୍ର ଆବଶ୍ୟକ ସୂତ୍ରର ଟୀକାରେ ଉଲ୍ଲେଖ ଅଛି ଜୈନ ଧର୍ମର ୨୪ ତମ ତୀର୍ଥଙ୍କର ମହାବୀର ଜିନଙ୍କ ପିତା ସିଦ୍ଧାର୍ଥ କଳିଙ୍ଗ ରାଜାଙ୍କର ବନ୍ଧୁଥିଲେ। କଳିଙ୍ଗରାଜା ମହାବୀରଙ୍କୁ ତାଙ୍କ ରାଜ୍ୟରେ ଧର୍ମ ପ୍ରଚାର କରିବା ନିମନ୍ତେ ଆମନ୍ତ୍ରଣ କରିଥିଲେ। ଜୈନଗ୍ରନ୍ଥ 'ଉତ୍ତରାଧ୍ୟୟ ସୂତ୍ର' ଅନୁସାରେ ମହାବୀରଙ୍କ ସମୟରେ ଖ୍ରୀ.ପୂ ଷଷ୍ଠ ଶତାବ୍ଦୀରେ କଳିଙ୍ଗ ଏକ ପ୍ରଖ୍ୟାତ ଜୈନ ମତବାଦର ଭୂମି ଥିଲା। ମହାବୀର କଳିଙ୍ଗ ଆଗମନ ପୂର୍ବକ କୁମାର-କୁମାରୀ ପାହାଡ଼ ବା ଖଣ୍ଡଗିରି-ଉଦୟଗିରିଠାରେ ଧର୍ମ ପ୍ରଚାର କରିଥିବାରୁ ସର୍ବ ଭାରତୀୟସ୍ତରରେ ବିଭିନ୍ନ ପ୍ରାନ୍ତରୁ ଜୈନ ସନ୍ନ୍ୟାସୀ ଓ ଆର୍ହତମାନେ ଏଠାକୁ ଆସି ଅବସ୍ଥାନ କରୁଥିଲେ। ମରହଟ୍ଟା ରାଜତ୍ୱ ସମୟରେ ଏଠାରେ ପାର୍ଶ୍ୱନାଥଙ୍କର ମନ୍ଦିର ନିର୍ମିତ ହୋଇଥିଲା। ଏଠାରେ ମଧ୍ୟ ଦିଗମ୍ବର ଜୈନ ମନ୍ଦିରରେ ମହାବୀର ଜିନଙ୍କର ଏକ ସୁନ୍ଦର ବିଗ୍ରହ ବିଦ୍ୟମାନ। ଖାରବେଳ କଳିଙ୍ଗ ଚେଦି ରାଜବଂଶର ତୃତୀୟ ଶାସକ। କଳିଙ୍ଗ ଚେଦି ବଂଶର ପ୍ରତିଷ୍ଠାତା ମହା ମେଘ ବାହନଙ୍କର ସେ ପୌତ୍ର।

ଜୈନ ଧର୍ମ ଓ ସଂସ୍କୃତିର ପରମ ପୃଷ୍ଠପୋଷକ ଥିଲେ ସମ୍ରାଟ ଖାରବେଳ। ଖଣ୍ଡଗିରି ଓ ଉଦୟଗିରିଠାରେ ଜୈନ ଧର୍ମ ସମ୍ପର୍କିତ ତାଙ୍କର ଅନେକ କଳାକୃତି ଆଜି ମଧ୍ୟ ଦର୍ଶକମାନଙ୍କୁ ମୋହିତ କରିଥାଏ। ସମ୍ଭବତଃ ଖାରବେଳ ଖ୍ରୀ.ପୂ. ୪୦ରେ ରାଜପଦରେ ଅଧିଷ୍ଠିତ ହୋଇଥିଲେ। ଖାରବେଳଙ୍କର ବାଲ୍ୟଜୀବନ ଓ ୧୩ ବର୍ଷର ଶାସନର ବିବରଣୀ ତାଙ୍କ ଦ୍ୱାରା ଖୋଦିତ ଉଦୟଗିରି ପ୍ରସିଦ୍ଧ ହାତୀ ଗୁମ୍ଫା ଶିଳାଲେଖରେ ବର୍ଣ୍ଣିତ ଅଛି। ଏହି ଶିଳାଲେଖର ଚାରିପଟେ ବନ୍ଧ ମଙ୍ଗଳ, ସ୍ୱସ୍ତିକ, ନନ୍ଦୀପଦ ଓ ବୃକ୍ଷ ଚୈତ୍ୟ ଆଦି ଜୈନ ଧର୍ମର ପ୍ରତୀକ ଚିହ୍ନମାନ ଖୋଦିତ ହୋଇଅଛି। ହାତୀଗୁମ୍ଫା ଶିଳାଲେଖର ବର୍ଣ୍ଣନା ଅନୁଯାୟୀ ଖାରବେଳ ତାଙ୍କ ରାଜତ୍ୱର ତ୍ରୟୋଦଶ ବର୍ଷ ସେ ନିଜକୁ ସମ୍ପୂର୍ଣ୍ଣ ରୂପେ ଧର୍ମ ଓ ଆଧ୍ୟାତ୍ମିକ କାର୍ଯ୍ୟରେ ନିବେଶ କରିଥିଲେ। ଏହି ବର୍ଷ ଖଣ୍ଡଗିରି-ଉଦୟଗିରିଠାରେ ଶ୍ରମଣ, ଋଷି, ଯତି, ଆର୍ହତ ଓ ସନ୍ନ୍ୟାସୀମାନଙ୍କ ପାଇଁ ଗୁମ୍ଫାମାନ ଖନନ କରୁଥିଲେ। ଜୈନ ସନ୍ନ୍ୟାସୀମାନଙ୍କର ସାଧନା, ପୂଜା ଓ ଚତୁର୍ମାସ୍ୟାରେ ନିବାସ ନିମନ୍ତେ ଏହି ଗୁମ୍ଫାଗୁଡ଼ିକ ଉଦ୍ଦିଷ୍ଟ ଥିଲା। ଖାରବେଳ ତାଙ୍କ ରାଜତ୍ୱର ଦ୍ୱାଦଶ ବର୍ଷରେ ମଗଧର ସୁଙ୍ଗ ବଂଶର ରାଜା ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରିଥିଲେ। ୩୪୦ ବର୍ଷ ପୂର୍ବେ ନନ୍ଦରାଜା ମହା ପଦ୍ମନନ୍ଦଙ୍କ ଦ୍ୱାରା ନିଆଯାଇଥିବା କଳିଙ୍ଗ ଜିନ (କଳିଙ୍ଗ ଜିନାସନ)କୁ ମହାସମାରୋହରେ ଫେରାଇ ଆଣି ଖଣ୍ଡଗିରି-ଉଦୟଗିରିଠାରେ ସ୍ଥାପନ କରିଥିଲେ। ଐତିହାସିକ ନବୀନ କୁମାର ସାହୁଙ୍କ ମତରେ ଏହି ମୂର୍ତ୍ତି ତୀର୍ଥଙ୍କର ଋଷଭନାଥଙ୍କର।








## ପ୍ରାଚୀନ ଗୁମ୍ଫା

ଖାରବେଳ, ରାଜପରିଷଦ ଓ ରାଜପରିବାରଙ୍କ ଦ୍ୱାରା ଖଣ୍ଡଗିରି ଓ ଉଦୟଗିରିଠାରେ ଜୈନ ସନ୍ନ୍ୟାସୀଙ୍କ ଉଦ୍ଦେଶ୍ୟରେ ଅନେକ ଗୁମ୍ଫା ଖନନ କରାଯାଇଥିଲା। ଉଦୟଗିରିରେ ୧୮ଟି ଗୁମ୍ଫା ଓ ଖଣ୍ଡଗିରିରେ ୧୫ଟି ଗୁମ୍ଫା ଦୃଷ୍ଟି ଗୋଚର ହୁଏ। ଏଠାକାର ଗୁମ୍ଫାଗୁଡ଼ିକର ନିର୍ମାଣ ଶୈଳୀ ଓ କଳାକୃତି ଅନନ୍ୟ ଓ ଅନୁପମ। ଗୁମ୍ଫା ସଂସ୍କୃତିର ଚରମ ନିଦର୍ଶନ ପ୍ରତିପାଦନ କରେ ଖଣ୍ଡଗିରି ଓ ଉଦୟଗିରିରେ ଥିବା ଗୁମ୍ଫା ସମୂହ।

ଖ୍ରୀ.ପୂ. ପ୍ରଥମ ଶତାବ୍ଦୀର କଳିଙ୍ଗ କଳାକୃତିର ଶ୍ରେଷ୍ଠ ପରାକାଷ୍ଠା ପ୍ରଦର୍ଶନ କରେ ଏହି ଗୁମ୍ଫାଗୁଡିକ। ଖଣ୍ଡଗିରିସ୍ଥ ନବମୁନି ଗୁମ୍ଫାରେ ଦଶମ ଶତାବ୍ଦୀର ଖୋଦିତ ଏକ ଶିଳାଲେଖ ଦୃଷ୍ଟିଗୋଚର ହୁଏ। ଜୈନ ସନ୍ନ୍ୟାସୀ ଶୁଭଚନ୍ଦ୍ରଙ୍କର ନାମ ଏଥିରେ ଉଲ୍ଲେଖ ଅଛି। ଏହି ଗୁମ୍ଫାରେ ୨୪ ଜୈନ ତୀର୍ଥଙ୍କର ଓ ସେମାନଙ୍କର ଶାସନ ଦେବୀଙ୍କର ପ୍ରତିମୂର୍ତ୍ତି ଖୋଦିତ ହୋଇଛି। ଅନନ୍ତ ଗୁମ୍ଫାରେ ଜୈନ ଧର୍ମର ସ୍ୱସ୍ତିକ ଓ ତ୍ରିଶୂନ ଆଦି ସାତଟି ପବିତ୍ର ଚିହ୍ନ ଖୋଦିତ ହୋଇଛି। ଏହି ଗୁମ୍ଫାରେ ବାହାର କାନ୍ଥରେ ଲକ୍ଷ୍ମୀ, ରଥାରୂଢ଼ ସୂର୍ଯ୍ୟ, ଚନ୍ଦ୍ର, ପଶୁ, ପକ୍ଷୀ ଓ ପକ୍ଷଯୁକ୍ତ ଗନ୍ଧର୍ବ ମୂର୍ତ୍ତି ଖୋଦିତ ହୋଇଛି। ଉଦୟଗିରିର ରାଣୀ ଗୁମ୍ଫା ଓ ହାତୀ ଗୁମ୍ଫାର ସ୍ୱତନ୍ତ୍ର ବୈଶିଷ୍ଟ ରହିଛି। ରାଣୀହଂସପୁର ଗୁମ୍ଫା ଦ୍ୱିତଳ ପ୍ରସାଦ ବିଶିଷ୍ଟ। ଏଥିରେ ଖୋଦିତ ଚିତ୍ରକଳା ଓ ପ୍ରତିମୂର୍ତ୍ତି ଖ୍ରୀ.ପୂ. ପ୍ରଥମ ଶତାବ୍ଦୀରେ ଗାନ୍ଧର୍ବ ବିଦ୍ୟାର ଆଦର ଓ ସମ୍ମାନର ପରିଚୟ ଦିଏ। ଉଦୟଗିରିରେ ଅବସ୍ଥିତ ହାତୀ ଗୁମ୍ଫା ଶିଳାଲେଖ ସମଗ୍ର ଭାରତ ବର୍ଷର ଏକ ଉଲ୍ଲେଖନୀୟ ଐତିହାସିକ ବିଭବ। ଏଣ୍ଡ୍ରୁ ଷ୍ଟାଲିଙ୍ଗ୍ ସାହେବ ପ୍ରଥମେ ଏହି ଶିଳା ଲେଖ ୧୮୨୫ ମସିହାରେ 'ଏସିଆଟିକ୍ ରିର୍ଚ୍ଚସ୍' ପତ୍ରିକାରେ ପଞ୍ଚଦଶ ଖଣ୍ଡରେ ପ୍ରକାଶ ପାଇଥିଲା। ଏହି ଅଭିଲେଖରେ ଅଛି ୧୭ଟି ଧାଡ଼ି। ଏଥିରେ ଅଛି ଖାରବେଳଙ୍କର ବାଲ୍ୟ ଜୀବନଠାରୁ ତ୍ରୟୋଦଶ ବର୍ଷ ପର୍ଯ୍ୟନ୍ତ ଶାସନ ସମ୍ପର୍କିତ ବର୍ଣ୍ଣନା। ଏହି ଶିଳାଲେଖ ବ୍ରାହ୍ମୀ ଲିପି ଓ ପ୍ରାକୃତ ଭାଷାରେ ଖୋଦିତ।



## ପବିତ୍ର ସ୍ଥଳୀ

ଐତିହାସିକ ଖଣ୍ଡଗିରି-ଉଦୟଗିରି ପାଦଦେଶରେ ମାଘ ସପ୍ତମୀରେ ଆୟୋଜିତ ହେଉଥିବା କୁମ୍ଭ ମେଳାକୁ 'ଖଣ୍ଡଗିରି ମେଳା' କୁହାଯାଏ। କେବେଠାରୁ ଏହି ମେଳାର ଆରମ୍ଭ ତା'ର ଐତିହାସିକ ତଥ୍ୟ ନାହିଁ। ଏହି ମେଳା ୯ଦିନ ସପ୍ତମୀରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଆୟୋଜିତ ହୋଇଥାଏ। ଓଡ଼ିଶା ସମେତ କାଶୀ, ବାରଣାସୀ, ଉତ୍ତରଭାରତର ବିଭିନ୍ନ ତୀର୍ଥ କ୍ଷେତ୍ରର ନାଗା, ଜୈନ, ସନାତନୀ, ସାଧୁମାନେ ମେଳାକୁ ଶୁଭାଗମନ କରିଥାନ୍ତି। ବିଶେଷ କରି ନାଗା ସନ୍ନ୍ୟାସୀମାନଙ୍କୁ ଦର୍ଶନ କରିବା ନିମନ୍ତେ ଶ୍ରଦ୍ଧାଳୁମାନଙ୍କର ପ୍ରବଳ ଭିଡ଼ ହୁଏ। ଲୋକ ମୁଖରେ ଶୁଣାଯାଏ ସାଧୁମାନେ ଅର୍କକ୍ଷେତ୍ର କୋଣାର୍କର ଚନ୍ଦ୍ରଭାଗା ନଦୀରେ ବୁଡ଼ ପକାଇବା ପରେ ଖଣ୍ଡଗିରି ଓ ଉଦୟଗିରିରେ ଅବସ୍ଥାନ କରି ସୂର୍ଯ୍ୟ ପୂଜା କରନ୍ତି। ଅର୍କକ୍ଷେତ୍ରର ଉଦିତ ସୂର୍ଯ୍ୟଙ୍କର ପ୍ରଥମ କିରଣ ଉଦୟଗିରିରେ ପଡ଼େ। ଉଦୟଗିରିରେ ଅବସ୍ଥାନ କରି ସୂର୍ଯ୍ୟପୂଜା କରନ୍ତି।





ଉଦୟଗିରିରେ ସୂର୍ଯ୍ୟ ପୂଜା କଲେ ଅନେକ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି। ଖଣ୍ଡଗିରି-ଉଦୟଗିରିଠାରେ ଥିବା ପାତାଳଗଙ୍ଗା, ଗୁପ୍ତଗଙ୍ଗା, ଆକାଶଗଙ୍ଗା, ରାଧାକୁଣ୍ଡ, ଶ୍ୟାମକୁଣ୍ଡ ଓ ଲଳିତାକୁଣ୍ଡରେ ସ୍ନାନ କଲେ ଚନ୍ଦ୍ରଭାଗାର ବୁଡ଼ ସହିତ ସମାନ ବୋଲି ବିଶ୍ୱାସ ରହିଛି।



## ଅନନ୍ତ କେଶରୀ ଯାତ୍ରା

ଖଣ୍ଡଗିରି କୁମ୍ଭମେଳା ସମ୍ପର୍କରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି। ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ କୁଷ୍ଠରୋଗରୁ ଆରୋଗ୍ୟ ଲାଭ ନିମନ୍ତେ ଶାମ୍ବ ଦଶମୀରୁ ମାଘ ସପ୍ତମୀ ପର୍ଯ୍ୟନ୍ତ ତପସ୍ୟା କରିଥିଲେ। ସପ୍ତମୀ ଦିନ ସେ ଚନ୍ଦ୍ରଭାଗାରେ ବୁଡ଼ ପକାଇ ଏକାମ୍ର କ୍ଷେତ୍ରର ଯୋଗନଦୀ କୂଳରେ ଥିବା କୁମାର-କୁମାରୀ ପାହାଡ଼ (ଖଣ୍ଡଗିରି-ଉଦୟଗିରି)



ରେ ପୂର୍ଣ୍ଣମୀ ପର୍ଯ୍ୟନ୍ତ ସୂର୍ଯ୍ୟଙ୍କୁ ଉପାସନା କରି ସମ୍ପୂର୍ଣ୍ଣ ରୋଗ ମୁକ୍ତ ହୋଇଥିଲେ। ତେଣୁ ସାଧୁ, ସନ୍ଥମାନେ ଚନ୍ଦ୍ରଭାଗାରେ ବୁଡ଼ ପକାଇ ଖଣ୍ଡଗିରିକୁ ଆସି ୯ ଦିନ ପର୍ଯ୍ୟନ୍ତ ଅବସ୍ଥାନ କରନ୍ତି। କେତେକ ବିଦ୍ୱାନଙ୍କ ମତରେ ଖ୍ରୀ.ପୂ. ୯୦୦-୭୦୦ ମଧ୍ୟ କାଳରେ ଶାସନ କରୁଥିବା କରକଣ୍ଡୁଙ୍କ ଶାସନ ସମୟରେ ଏହି ମେଳା ଆୟୋଜିତ ହୋଇଛି। ଏହି ମେଳା କେବେଠାରୁ ଓ କାହାଦ୍ୱାରା ସୃଷ୍ଟି ଜଣା ନଥିଲେ ମଧ୍ୟ ପରମ୍ପରା, ଆସ୍ଥା ଓ ବିଶ୍ୱାସକୁ ଆଧାର କରି ପ୍ରଚଳିତ ହୋଇ ଆସୁଛି। ଖଣ୍ଡଗିରିସ୍ଥ ମା'



ବାରଭୂଜାଙ୍କ ପୀଠରେ ୯ଦିନ ବ୍ୟାପୀ ରାମଚରିତ-ମାନସ ପାଠ କରାଯିବା ସହ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହୁଏ। ସତ୍‌ସଙ୍ଗ, ସାଧୁସଭା, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ଝାଞ୍ଜ, ଖୋଳ, କରତାଳି, ମୃଦଙ୍ଗରେ ପ୍ରକମ୍ପିତ ହୁଏ ଐତିହାସିକ ପାହାଡ଼ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ ଏହି ମେଳା ଅବସରରେ। ଖଣ୍ଡଗିରି ଯାତ୍ରାକୁ 'ଅନନ୍ତ କେଶରୀ ଯାତ୍ରା' ବୋଲି ମଧ୍ୟ କୁହାଯାଏ। ଲୋକଙ୍କ କହିବାନୁଯାୟୀ ଖଣ୍ଡଗିରିର ଶୂନ୍ୟ ମନ୍ଦିରରେ ଅନନ୍ତ କେଶରୀ ପୂଜା ପାଉଥିଲେ। ମାଘ ସପ୍ତମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ତାଙ୍କର ରଥଯାତ୍ରା ହେଉଥିଲା। ଅନନ୍ତ କେଶରୀ ଜାଗମରା ଗ୍ରାମର 'ନାଗାମଠ'କୁ ୯ଦିନ ପାଇଁ ଯାଉଥିଲେ। କିନ୍ତୁ ବର୍ତ୍ତମାନ ଅନନ୍ତ କେଶରୀ ଜାଗମରାରେ ଅବସ୍ଥାନ କରୁଛନ୍ତି। ମାଘ ସପ୍ତମୀ ରାତ୍ରରେ ଶୋଭାଯାତ୍ରାରେ ଯାଇ ଉଦୟଗିରିସ୍ଥ ରାଣୀହଂସପୁର ଗୁମ୍ଫାରେ ଅବସ୍ଥାନ କରନ୍ତି। ଉଦୟଗିରିରେ ଥିବା ଲଳିତାକୁଣ୍ଡରେ ଚାପ ଖେଳନ୍ତି। ଦେବୀ ବାରଭୂଜାଙ୍କ ନିକଟରେ ତାଙ୍କ ଉଦ୍ଦେଶ୍ୟରେ ଯଜ୍ଞ ଆରମ୍ଭ ହୁଏ। ଅନନ୍ତ କେଶରୀ ପୁଣି ସେହି ରାତ୍ରରେ ଜାଗମରା ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି।

## ସାଧୁସନ୍ଥଙ୍କ ମଠ ଓ ଆଶ୍ରମ






ଖଣ୍ଡଗିରି-ଉଦୟଗିରି କେବଳ ଜୈନ ସନ୍ନ୍ୟାସୀମାନଙ୍କର ତପଭୂମି ଥିଲା ତାହା ନୁହେଁ, ବିଭିନ୍ନ ସମ୍ପ୍ରଦାୟର ସାଧୁ ସନ୍ନ୍ୟାସୀମାନଙ୍କର ସାଧନାର ଭୂମି ଥିଲା। ବଡ଼ ଖେମୁଣ୍ଡି ଗଙ୍ଗରାଜବଂଶର ବଳଭଦ୍ର ଦେବ ପରବର୍ତ୍ତୀ ସମୟରେ ସିଦ୍ଧିଲାଭ କରି ଅରକ୍ଷିତ ଦାସ ନାମରେ ଖ୍ୟାତି ଅର୍ଜନ କଲେ। ସେ ଖଣ୍ଡଗିରିରେ କିଛିଦିନ ସାଧନାରତ ଥିଲେ। ସେ ଏଠାରେ ପ୍ରସିଦ୍ଧ 'ମହୀମଣ୍ଡଳଗୀତ'ର କେତୋଟି ଭାଗ ଏଠାରେ ରଚନା କରିଥିଲେ। ସନ୍ଥ ଅରକ୍ଷିତ ଦାସଙ୍କ 'ପାଦୁକାଶ୍ରମ' ଖଣ୍ଡଗିରିରେ ବିଦ୍ୟମାନ। ମହିମା ଧର୍ମର ପ୍ରତିଷ୍ଠାତା ମହିମା ସ୍ୱାମୀଙ୍କୁ ଖଣ୍ଡଗିରିଠାରେ ଭାଗ୍ୟଧର ଦଳେଇ ଜଳ ପ୍ରଦାନ କରୁଥିଲେ। ସେ ଏଠାରେ 'ନିରାହାରୀ ଗୋସାଇଁ' ନାମରେ ଖ୍ୟାତ ଥିଲେ। ହାତୀ ଗୁମ୍ଫା ଶିଳାଲେଖ ଆବିଷ୍କୃତ ହେବା ଦ୍ୱାରା ଏ ସ୍ଥାନର ନିର୍ଜନତା ଭଙ୍ଗ ହେବାକୁ ମହିମା ଗୋସାଇଁ ଢେଙ୍କାନାଳ ଅଭିମୁଖେ ଯାତ୍ରା କଲେ। ବର୍ତ୍ତମାନ ଖଣ୍ଡଗିରି ଥାନା ସମ୍ମୁଖରେ 'ସତ୍ୟ ମହିମା ଆଶ୍ରମ' ଅବସ୍ଥିତ। ବ୍ରହ୍ମଲୀନ ଫଳହାରୀ ବାବାଙ୍କ ସ୍ମୃତିରେ ଖଣ୍ଡଗିରିରେ 'ଶ୍ରୀନୃସିଂହ ମଠ' ରହିଛି। 'ତପୋବନ ଆଶ୍ରମ' ବାବା ଆନନ୍ଦ ସ୍ୱରୂପଙ୍କ ଦ୍ୱାରା ଏଠାରେ ପ୍ରତିଷ୍ଠା ହୋଇଛି। କ୍ଷମାନିଧି ବାବାଙ୍କ 'କୋଚିଲା ମଠ' କୃଷ୍ଣଚନ୍ଦ୍ର ଦାସଙ୍କ 'ଅନାଦି ଆଶ୍ରମ', ଅକ୍ଷୟ ଦେବ ଦାସଙ୍କ 'ନିତ୍ୟାନନ୍ଦ ସେବାଶ୍ରମ' ପ୍ରଭୃତି ଖଣ୍ଡଗିରି-ଉଦୟଗିରିର ମହିମାମଣ୍ଡନ କରିଛନ୍ତି। ଜାଗମରାଠାରେ ଶାନ୍ତି ଚୈତନ୍ୟଜୀଙ୍କ ନିଯୋଗ ବେଦାନ୍ତ ଆଶ୍ରମ, ବାବା ଅକ୍ଷୟ ଦାସଙ୍କ 'ଖଣ୍ଡୁଆଳ ମଠ', ଜଗଦ୍‌ଗୁରୁ ଠାକୁର ଶ୍ରୀଅଭିରାମ ପରମହଂସ ଦେବଙ୍କ 'ଶାନ୍ତି ଆନନ୍ଦାଶ୍ରମ', 'ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର', ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କର ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଏକ ବାଳକ ବିଦ୍ୟାଳୟ, ମାଘ ସପ୍ତମୀରେ ପ୍ରତିବର୍ଷ ଜୈନ ସମ୍ପ୍ରଦାୟର ଋଷି, ସନ୍ନ୍ୟାସୀ, ଆର୍ହତମାନେ ଖଣ୍ଡଗିରି ମେଳା ଅବସରରେ ଏକତ୍ରୀତ ହୋଇ ପୂଜାର୍ଚ୍ଚନା କରିଥାନ୍ତି। ସେହି ସ୍ମୃତିରେ ଅଦ୍ୟାବଧି ଏଠାରେ ସାତଦିନ ବ୍ୟାପୀ ମାଘ ମେଳା ଅନୁଷ୍ଠିତ ହେଉଛି।

## ନାମକରଣକୁ ନେଇ ଭିନ୍ନ ମତ

ଖଣ୍ଡଗିରି ନାମକରଣକୁ ନେଇ ବିଭିନ୍ନ ମତ ରହିଛି। ଖଣ୍ଡଗିରି ଓ ଉଦୟଗିରି ମଧ୍ୟରେ ଏକ ରାସ୍ତା ଯାହା ଦୁଇ ପାହାଡ଼କୁ ବିଭକ୍ତ ବା ଖଣ୍ଡିତ କରିଛି। ତେଣୁ କରି ଏହାର ଗୋଟିଏ ପାର୍ଶ୍ୱ ପାହାଡ଼କୁ ଖଣ୍ଡଗିରି କୁହାଯାଏ। ଏହି ରାସ୍ତା ଖଣ୍ଡଗିରିଛକରୁ ଭରତପୁର, ଅନ୍ଧାରୁଆ ଦେଇ ଚନ୍ଦକାରେ ମିଶି ଅଛି। ଏହି ରାସ୍ତାର ଯେଉଁ ଅଂଶ ଖଣ୍ଡଗିରି ଓ ଉଦୟଗିରିକୁ ଅଲଗା କରିଛି ଏହା ଏକ ଘାଟି ସଦୃଶ୍ୟ। ଏକ ଯୋର ଚନ୍ଦକା ଦେଇ ଗଣ୍ଡମୁଣ୍ଡାରେ ମିଶିଛି। ଜୟଦେବ ବାଟିକା ପଛରେ ଥିବା ଯୋରଟିର ଦୁଇ ପାର୍ଶ୍ୱରେ କିଆ ବୁଦାମାନ ଥିଲା। ଘାଟି ଓ କିଆରୁ ସମ୍ଭବତଃ ନିକଟସ୍ଥ ଗ୍ରାମର ନାମ 'ଘାଟିକିଆ'। ଯୋର ନିକଟରେ ଡାଲଖାଇ ଠାକୁରାଣୀ ପୂଜା ପାଉଛନ୍ତି। ପୂର୍ବେ ଖଣ୍ଡଗିରି ଆସୁଥିବା ଶ୍ରଦ୍ଧାଳୁମାନେ ଘାଟିକିଆ, ଖଣ୍ଡଗିରି ବାରି ପଟୁ ସେମାନେ ଡାଳ ଭାଙ୍ଗି ଡାଲଖାଇ ଠାକୁରାଣୀଙ୍କୁ ଅର୍ପଣ କରନ୍ତି। ଖଣ୍ଡଗିରି ମେଳା ସମୟରେ ଆସୁଥିବା ଧର୍ମପ୍ରାଣ ବ୍ୟକ୍ତିମାନେ ଟେକା ଉପରେ ଟେକା ରଖି ଦେଉଳ ତୋଳିଥାନ୍ତି। ଖଣ୍ଡଗିରି ମେଳାର ଅନ୍ୟତମ ଆକର୍ଷଣ ହେଲା ୭/୮ ଟି ମଣ୍ଡପରେ ଓଡ଼ିଶାର ପ୍ରତିଷ୍ଠିତ ଯାତ୍ରା ଦଳ ସେମାନଙ୍କର କଳା ନୈପୁଣ୍ୟ ପ୍ରଦର୍ଶନ କରନ୍ତି। ମେଳା ଅବସରରେ ଦୋକାନ, ବଜାର, ମୀନା ବଜାର, ଘରକରଣା ସାମଗ୍ରୀ କିଣାବିକା ହୁଏ। ପୂର୍ବେ ଖଣ୍ଡଗିରି ଚର୍ତୁପାର୍ଶ୍ୱରେ ଥିବା ଘାଟିକିଆ, ଜାଗମରା, ଅନ୍ଧାରୁଆ, ବରମୁଣ୍ଡା, ଡୁମୁଡୁମା, ପାତ୍ରପଡ଼ା, ଗୋଠପାଟଣା, ଶ୍ୟାମପୁର, ଚନ୍ଦକା, ଦଳୁଆ, କୁଜୁମହଲ, କଣ୍ଟାବାଡ଼, ମେଣ୍ଢାଶାଳ, ଜାଁଳା ପ୍ରଭୃତି ଗ୍ରାମର ଜନସାଧାରଣ କୃଷି ଉପକରଣ ଓ ଘର କରଣା ସାମଗ୍ରୀ ଖଣ୍ଡଗିରି ମେଳାରୁ କ୍ରୟ କରିଥାନ୍ତି।



## ସାଧନା ଓ ସିଦ୍ଧିର ପବିତ୍ର ସ୍ଥଳୀ

ବହୁ ସାଧୁ ସନ୍ଥ ନିଜସ୍ୱ ରଚନାରେ ଖଣ୍ଡଗିରିର ମହାତ୍ମ୍ୟ ସ୍ଥାନ ଦେଇଛନ୍ତି। ତନ୍ମଧ୍ୟରେ ମଧ୍ୟଯୁଗୀୟ ପଞ୍ଚସଖା ସିଦ୍ଧି ସାଧକ ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଶିଶୁ ଅନନ୍ତ ଦାସ। ଛତିଆ ବଟର ମହନ୍ତ ହାଡୁ ଦାସ ଓ ଶ୍ରୀଅଭିରାମ ପରମହଂସ ଦେବଙ୍କ ଆଧ୍ୟାତ୍ମିକ ସାହିତ୍ୟ କୃତିରେ ଖଣ୍ଡଗିରି ମହିମା ସ୍ଥାନ ପାଇଛି। ବାରଙ୍ଗ ଦାସଙ୍କ 'ବ୍ରହ୍ମକୁଣ୍ଡଳି', ଅରକ୍ଷିତ ଦାସଙ୍କ 'ମହୀମଣ୍ଡଳ ଗୀତା', ରାଧାଚରଣ ଦାସଙ୍କ 'ରସ ରାମାୟଣ' ଓ ବାମଦେବ ରଥଶର୍ମାଙ୍କ 'ଖଣ୍ଡାଚଳ ମାହାତ୍ମ୍ୟ' ପ୍ରଭୃତିରେ ଖଣ୍ଡଗିରି-ଉଦୟଗିରି ଗୌରବ, ଗାରିମାକୁ ସ୍ଥାନ ଦିଆଯାଇଛି। ଖଣ୍ଡଗିରି ପାଦଦେଶରେ ଗୋଟିଏ ଡାକବଙ୍ଗଳା ଓ ଧର୍ମଶାଳା ସ୍ଥାପିତ ହୋଇଅଛି। ଉଦୟଗିରିର ହାତୀ ଗୁମ୍ଫା ଶିଳାଲେଖ ଓଡ଼ିଆ ଭାଷାର ପ୍ରାଚୀନତା ପ୍ରତିପାଦନ କରେ। ଏହା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟତା ପ୍ରଦାନରେ ବିଶେଷ ଭୂମିକା ଗ୍ରହଣ କରିଥିଲା।

ଖଣ୍ଡଗିରି- ଉଦୟଗିରି ଏବେ ଭୁବନେଶ୍ୱରର ଏକ ଆକର୍ଷଣୀୟ ପର୍ଯ୍ୟଟନ ପୀଠ ଭାବେ ପ୍ରସିଦ୍ଧ। ଏହି ପ୍ରାଚୀନ ପାହାଡ଼ର ଐତିହ୍ୟ, ପ୍ରତ୍ନତତ୍ତ୍ୱ, ଇତିହାସ ସଂପର୍କରେ ଜାଣିବା ପାଇଁ ପ୍ରତିଦିନ ହଜାର ହଜାର ଐତିହାସିକ, ଗବେଷକ, ଛାତ୍ରଛାତ୍ରୀ, ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏହାର ଗାଥା ଓ କାହାଣୀର ସର୍ବଦା ରୋମାଞ୍ଚ ଭରି ଆସିଛି ହୃଦୟ ଭିତରେ। ଐତିହ୍ୟ ଓ ସଂସ୍କୃତିର ନୀରବ ଦ୍ରଷ୍ଟା ଓ ମୂକ ସାକ୍ଷୀ ରୂପେ ଖଣ୍ଡଗିରି-ଉଦୟଗିରି ପାହାଡ଼ ଏକ ସମୁଜ୍ଜ୍ୱଳ ଜାତୀୟ ଚେତନା ଓ ଭାବନା ସୃଷ୍ଟିରେ ସମର୍ଥ। ■

ଇତିହାସ ବିଭାଗ, ସନାତନ ହରିଚନ୍ଦନ ମହାବିଦ୍ୟାଳୟ
ମଦନପୁର, ଖୋର୍ଦ୍ଧା-୭୫୨୦୫୪, ମୋ: ୮୮୯୫୧୯୦୪୭୫

ଡାକ୍ତର ଇନ୍ଦ୍ରମଣି ଜେନା




# ଖଣ୍ଡଗିରି-ଉଦୟଗିରିର ପ୍ରାଚୀନ ଗୁମ୍ଫା

ଖଣ୍ଡଗିରି- ଉଦୟଗିରି ପର୍ବତରେ ବହୁ ପୁରାତନ ଅବୋଧ ଗୁମ୍ଫା ରହିଛି । ପ୍ରତିଟି ଗୁମ୍ଫାର ନିର୍ମାଣ ଶୈଳୀ, ସଂସ୍କୃତି ଓ ଐତିହାସିକ ତଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଯୁଗଳ ପର୍ବତର ପୁରାତନ ଗୁମ୍ଫାଗୁଡ଼ିକ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ବୋଲି ସମସ୍ତେ ମତପୋଷଣ କରନ୍ତି । କିନ୍ତୁ ଖାରବେଳଙ୍କ ସମୟ ଖ୍ରୀଷ୍ଟପୂର୍ବ ୧୦୦ ପୂର୍ବରୁ ବି ଅନେକ ଗୁମ୍ଫା ରହିଛି । କାଳଜୟୀ ଗୁମ୍ଫାଗୁଡ଼ିକର ସୂକ୍ଷ୍ମ କାରୁକାର୍ଯ୍ୟକୁ ସ୍ୱଚକ୍ଷୁରେ ନଦେଖିଲେ ବିଶ୍ୱାସ କରିହୁଏ ନାହିଁ । ପ୍ରତିଟି ଗୁମ୍ଫାର ରୂପ, ବାହାର ପରିବେଶ, ବାରଣ୍ଡା ଦ୍ୱାର, ଦ୍ୱାରବନ୍ଧ, ଭିତର କୋଠରି ଅତ୍ୟନ୍ତ ଆକର୍ଷଣୀୟ । କିଛି ଗୁମ୍ଫାରେ ଅତି ପୁରାତନ ଅଢ଼େଇ ହଜାର ବର୍ଷ ତଳର ଶିଳାଲିପି ଅଛି । ଖଣ୍ଡଗିରି – ଉଦୟଗିରିରେ ଅବସ୍ଥିତ ପ୍ରାଚୀନ ଗୁମ୍ଫାଗୁଡ଼ିକର ବିଶେଷତ୍ୱକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

## ଜୟାବିଜୟା ଗୁମ୍ଫା

ଜୟାବିଜୟା ଗୁମ୍ଫାରେ ଦୁଇଜଣ ଦ୍ୱାରପାଳ ଉପସ୍ଥିତ । ପଶ୍ଚିମଦ୍ୱାରରେ ଧୋତି ଆଉ ଉତ୍ତରୀୟ ପରିହିତ ପୁରୁଷ ଦ୍ୱାରପାଳ । ହାତରେ ତା'ର ନିଜ ଉଚ୍ଚତାର ଶକ୍ତ କୁନ୍ତଟିଏ । ପୂର୍ବ ଦ୍ୱାରପାଳ ଭାବରେ ଅଛନ୍ତି ଜଣେ ଅପୂର୍ବ ତରୁଣୀ । ତାଙ୍କର ପରିପାଟୀ ବେଶ୍ ଆକର୍ଷଣୀୟ । କେଶବିନ୍ୟାସ ବେଶ୍ ଉନ୍ନତ ଶୈଳୀର ଏବଂ ସଜଫୁଲ ଓ ପତ୍ର ଖଚିତ ହୋଇଛି । କାନରେ ସୁନ୍ଦର କୁଣ୍ଡଳ, ହାତରେ ଶଂଖା ଆଉ ବାଲା । ଡାହାଣ ହାତରେ ଶୁଆଟିଏ ବସି ସମ୍ଭବତଃ ଅତିଥିମାନଙ୍କୁ ସ୍ୱାଗତ କରେ ।




## ଅଳକାପୁରୀ ଗୁମ୍ଫା

ଅଳକାପୁରୀ ଗୁମ୍ଫାର ଉପର ଆଉ ତଳ ହୋଇ ଦୁଇଟି ପ୍ରକୋଷ୍ଠ ରହିଛି । ତଳ ପ୍ରକୋଷ୍ଠଟି ମଣିଷ ଦ୍ୱାରା ଧ୍ୱସ୍ତପ୍ରାୟ । ଏହାର ଚାରୁକଳା କେବଳ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ନୁହେଁ, ବରଂ ବହୁ ପରର ହାତୀ, ବାଘ ଶିଳାଚିତ୍ର ସହିତ ଯକ୍ଷ, ମନୁଷ୍ୟ ଓ ପକ୍ଷୀଚିତ୍ର ଅତି ପୁରାତନ ଶିଳ୍ପୀମାନଙ୍କ କୀର୍ତ୍ତି ସହିତ ମଧ୍ୟଯୁଗୀୟ ଶିଳାଶିଳ୍ପର ସମ୍ମିଶ୍ରଣ ପରିଦୃଷ୍ଟ ହୁଏ । ଗୋଟିଏ ଚିତ୍ରରେ ବହୁ ହାତୀ ଦିଶନ୍ତି, ଚାରିଟି ଦନ୍ତା ଦୁଇଟି ମାଈ ହାତୀଦ୍ୱାରା ଆବଦ୍ଧ ହୋଇଛନ୍ତି । ଗୋଟିଏ ହାତୀ ଶୁଣ୍ଢ ଟେକିଛି, ଅନ୍ୟଟି ରାଜକୀୟ ମାନ୍ୟତାର ସଙ୍କେତ ଛତାଟିଏ ଟେକି ଧରିଛି ।



## ରାଣୀ ଗୁମ୍ଫା

ରାଣୀ ଗୁମ୍ଫା ବା ରାଣୀହଂସପୁର ଗୁମ୍ଫା ଖଣ୍ଡଗିରି-ଉଦୟଗିରି ଯୁଗଳ ପର୍ବତର କାରୁକାର୍ଯ୍ୟରେ ସର୍ବଶ୍ରେଷ୍ଠ ଦ୍ୱିତଳ ବିଶିଷ୍ଟ ଗୁମ୍ଫା । ଏହା ଗୋଟିଏ ଚାରିକୋଣିଆ କ୍ଷେତ୍ର ଉପରେ ପରିକଳ୍ପିତ, ପଶ୍ଚିମରେ ଚାରି ପ୍ରକୋଷ୍ଠ ପୂର୍ବକୁ ମୁହଁ; ବାମ ପାର୍ଶ୍ୱରେ ଅର୍ଥାତ୍ ପଶିଗଲେ ବାମ କଡ଼ରେ ଦୁଇଟି ପ୍ରକୋଷ୍ଠ ଯାହା ସାମ୍ନା ଖୋଲା ଅଗଣାକୁ ମୁହଁ କରିଛି; ସେହିପରି ଡାହାଣପଟେ ଗୋଟିଏ ଗୁମ୍ଫା ଅଗଣାକୁ ଅର୍ଥାତ ଦକ୍ଷିଣଦିଗକୁ ମୁହଁକରି ଖୋଦିତ । ଏମିତି ସବୁ ଗୁମ୍ଫାଗୁଡ଼ିକ ଅଗଣାକୁ ମୁହଁ କରି ରହିଛନ୍ତି ଏବଂ ଏହାର ପୂର୍ବଦିଗ ଖୋଲା ରହି ସୂର୍ଯ୍ୟୋଦୟର ପ୍ରଥମ କିରଣ ପାଇ ପାହାଡ଼ଟିର ଉଦୟଗିରି ନାମକରଣ ଯଥାର୍ଥ କରୁଛି । ରାଣୀଗୁମ୍ଫାର ଅଗଣାଟି ବହୁ ସାଂସ୍କୃତିକ, ଧାର୍ମିକ, ଆଧ୍ୟାତ୍ମିକ ଏବଂ ରାଜକୀୟ ସମ୍ମେଳନର ପୃଷ୍ଠଭୂମି ଭାବରେ କଳିଙ୍ଗର ଗୁରୁତ୍ୱପୂର୍ଣ୍ଣ ଐତିହ୍ୟ ବହନ କରେ ।




## ଛୋଟ ହାତୀ ଗୁମ୍ଫା

ଛୋଟହାତୀ ଗୁମ୍ଫା ଅଳକାପୁରୀ ଗୁମ୍ଫାର ପୂର୍ବଦିଗରେ ଅବସ୍ଥିତ । ଏହାର ଦ୍ୱାରବନ୍ଧ ଉପରେ ସୁନ୍ଦର ଶିଳାଚିତ୍ର ଖୋଦିତ ହୋଇଛି । ଛଅଟି ହାତୀ ସୁନ୍ଦର ଭାବରେ ଗଢ଼ା ହୋଇଛନ୍ତି, ପ୍ରତି ପାର୍ଶ୍ୱରେ ତିନୋଟି କରି; ବାହାରୁ ଭିତରକୁ କଡ଼ରେ ବଡ଼ହାତୀ, ମଝିରେ ଦନ୍ତା ଏବଂ ଭିତରେ ଛୁଆହାତୀ ଧାଡ଼ି ହୋଇ ଠିଆ ହୋଇଛନ୍ତି । ପ୍ରତି ହାତୀ ଅର୍ହତମାନଙ୍କୁ କିଛି ଦାନ କରିବାକୁ ଶୁଣ୍ଢରେ ଧରି ଚାଲିଛନ୍ତି । ଏହା ବ୍ୟତୀତ ଆହୁରି ଅନେକ କାରୁକାର୍ଯ୍ୟ ରହିଛି । ବାହାରର ଦ୍ୱାରବନ୍ଧ ପକ୍ଷଯୁକ୍ତ ଜନ୍ତୁରେ ଭରପୂର ।


## ବାଜାଘର ଗୁମ୍ଫା

ବାଜାଘର ଗୁମ୍ଫା ଗୋଟିଏ ଦୁଇ ପ୍ରକୋଷ୍ଠର ଗୁମ୍ଫା, ଅତି ପୁରାତନ ହୋଇଥିବାରୁ ସମୟ ପ୍ରବାହରେ ବହୁତ କ୍ଷୟ ହୋଇଯାଇଛି । ଡାହାଣ ପ୍ରକୋଷ୍ଠଟି ପ୍ରାୟ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି, ବାମପଟର ଗୋଟିଏ ଦ୍ୱାରବନ୍ଧ ରହିଛି । ତହିଁରେ ଦୁଇଟି ବିଚିତ୍ର ଜନ୍ତୁର ଚିତ୍ର ଖୋଦିତ ହୋଇଛି । ଚଢ଼େଇର ମୁଣ୍ଡରେ ଚତୁଷ୍ପଦୀ ଜନ୍ତୁ ଶରୀର । ପଛକୁ ପଛ ଠିଆ ହୋଇଛନ୍ତି । ସମ୍ଭବତଃ ପକ୍ଷୀରାଜ ଘୋଡ଼ାର ପରିକଳ୍ପନାରେ ଖୋଦିତ । ଖମ୍ବଗୁଡ଼ିକରେ ସେମିତି ବିଚିତ୍ର ପ୍ରାଣୀ ଖୋଦିତ ହୋଇଛନ୍ତି ।



## ଜମ୍ବେଶ୍ୱର ଗୁମ୍ଫା

ଜମ୍ବେଶ୍ୱର ଗୁମ୍ଫା ବାଘ ଗୁମ୍ଫାର ପଶ୍ଚିମରେ ଖୋଦିତ ଗୁମ୍ଫା । ଏହି ଗୁମ୍ଫା ଭିତରର ଉଚ୍ଚତା ବେଶ୍ କମ୍ । ଏହାର ଦୁଇଟି ଦ୍ୱାର ଓ ବେଞ୍ଚ ସହିତ ବାରଣ୍ଡା ରହିଛି । ବାରଣ୍ଡାର ଛାତକୁ ଗୋଟିଏ ଖମ୍ବ ଭରା ଦେଇଛି । ଜମ୍ବେଶ୍ୱର ନାମ ଭାଲୁମାନଙ୍କର ଶିରୋମଣି ବା ଭାଲୁମାନଙ୍କର ରାଜା ବୋଲି ଭାଲୁ ଗୁମ୍ଫା ନାମକରଣ କରାଯାଇଛି, ବୁଝାପଡ଼େନି । ଆଖପାଖରେ ହାତୀ ଗୁମ୍ଫା, ବାଘ ଗୁମ୍ଫା, ସର୍ପ ଗୁମ୍ଫା ଥିବାରୁ ଟିକିଏ ଅପନ୍ତରା ସ୍ଥାନରେ ଥିବା ଏହି ଗୁମ୍ଫାକୁ ଭାଲୁ ଗୁମ୍ଫା ବୋଲି ସ୍ଥାନୀୟ ଲୋକମାନେ ନାମିତ କରିଥିଲେ । ପ୍ରକୃତରେ ଏହି ସ୍ଥାନରେ ଭାଲୁ ମାନଙ୍କର ଗତାଗତ ଥିଲା । ଏହି ଗୁମ୍ଫାର ଡାହାଣ ଦ୍ୱାର ନିକଟରେ ସଂକ୍ଷିପ୍ତ ଶିଳାଲିପି ରହିଛି ।



## ଗଣେଶ ଗୁମ୍ଫା

ଗଣେଶ ଗୁମ୍ଫା ଚେଦି ସମ୍ରାଟ ଖାରବେଳଙ୍କ ଅମଳରୁ ଖୋଦିତ । ଏହି ଦୁଇ କୋଠରି ବିଶିଷ୍ଟ ଗୁମ୍ଫାରେ ପ୍ରତିଟି କୋଠରି ପାଇଁ ଦୁଇଟି ଲେଖାଏଁ ପ୍ରବେଶ ଦ୍ୱାର ରହିଛି । ଏବେ ବାରଣ୍ଡାର ତିନୋଟି ଖମ୍ବ ରହିଛି, ନବନିର୍ମିତ ଗଣେଶ ଦୃଶ୍ୟମାନ ହେବାକୁ ଡାହାଣ ଦୁଇଟିକୁ ଭାଙ୍ଗିଦିଆ ଯାଇଛି । ରାଣୀଗୁମ୍ଫା ଉପର ମହଲା ପରି ପ୍ରତି ଦୁଇ-ଦ୍ୱାର ମଧ୍ୟରେ କିଛି ଅର୍ଥସୂଚକ ଶିଳାଚିତ୍ର ଖୋଦିତ । ଏହାର ପ୍ରଥମ ଦୃଶ୍ୟ ରାଣୀଗୁମ୍ଫାର ଦ୍ୱିତୀୟ ଦୃଶ୍ୟରୁ ଆରମ୍ଭ ଯହିଁରେ ଜଣେ ସାହସୀ ରମଣୀ ଅସୁସ୍ଥ ଲୋକର ସେବା କରୁଛନ୍ତି । କିନ୍ତୁ ପରବର୍ତ୍ତୀ ଦୃଶ୍ୟଗୁଡ଼ିକ ରାଣୀଗୁମ୍ଫାଠାରୁ ସମ୍ପୂର୍ଣ୍ଣ ପୃଥକ୍ ।

## ଜଗନ୍ନାଥ ଗୁମ୍ଫା

ଉଦୟଗିରିର ଜଗନ୍ନାଥ ଗୁମ୍ଫାଟି ଗୋଟିଏ ଛୋଟ ଗୁମ୍ଫା । ଏହି ଗୁମ୍ଫାର ପୁରୋଭାଗରେ ରଙ୍ଗରେ ଜଗନ୍ନାଥଙ୍କର ଚିତ୍ର କରାଯାଇଥିବାରୁ ଏହାର ଏପରି ନାମକରଣ କରାଯାଇଛି । ଆଜି ଆଉ ସେ ରଙ୍ଗ କି ଜଗନ୍ନାଥଙ୍କର ଚିତ୍ର ନାହିଁ, ସମ୍ଭବତଃ ଖାରବେଳଙ୍କ କାଳରୁ ତିଷ୍ଠି ରହିଥିବା ଏହି ପୁରାତନ ଗୁମ୍ଫାରେ ମଧ୍ୟବର୍ତ୍ତୀ ଓଡ଼ିଶାର ବୈଷ୍ଣବଧର୍ମ ଉତ୍ଥାନ କାଳରେ କେହି ଏପରି ଚିତ୍ର କରିବା ଦ୍ୱାରା ଜଗନ୍ନାଥ ଗୁମ୍ଫା ଭାବରେ ନାମିତ ହୋଇଛି । ଜଗନ୍ନାଥ ଗୁମ୍ଫାର କୋଠରି ଉଦୟଗିରିର ସବୁଠାରୁ ଲମ୍ବା ଗୁମ୍ଫା । ଏହାର ଚାରିଗୋଟି ଦ୍ୱାର ରହିଛି । ଦୁଆରବନ୍ଧ, ବାରଣ୍ଡା ଏବଂ ତତ୍‌ସଂଲଗ୍ନ ବେଞ୍ଚ । ଏଥିରେ ସୁନ୍ଦର ଶିଳାଚିତ୍ର ଦେଖିବାକୁ ମିଳେ । ପଶୁ, ପକ୍ଷୀ, ମାଛ, ଫୁଲ, ବୃକ୍ଷଲତା ଓ ପୂର୍ଣ୍ଣକୁମ୍ଭର ଚିତ୍ର ଦେଖିବାକୁ ମିଳେ । ବାହାର ଦ୍ୱାରବନ୍ଧର ଚାରିଟି ବନ୍ଧନୀଗୁଡ଼ିକରେ ଯକ୍ଷ, କିନ୍ନର, ବିଦ୍ୟାଧର ଏବଂ ଅନେକ ଅର୍ଦ୍ଧଦେବତାଙ୍କର ରୂପ ଦେଖିବାକୁ ମିଳେ ।

## ବାଘ ଗୁମ୍ଫା

ଉଦୟଗିରି ପାହାଡ଼ର ବାଘ ଗୁମ୍ଫା (ବ୍ୟାଘ୍ର ଗୁମ୍ଫା) ଅନ୍ୟ ଗୁମ୍ଫା ପରି ଗୋଟିଏ ସାଧାରଣ ଗୁମ୍ଫା ନୁହେଁ, କଳାଭାସ୍କର୍ଯ୍ୟ କ୍ଷେତ୍ରରେ ଏହାର ସ୍ୱତନ୍ତ୍ର ପରିଚୟ ରହିଛି । ବାଘଟିଏ ପାଟି ମେଲା କରି ହାଇ ମାରୁଥିବାବେଳେ ସେଇ ବାଘର ପାଟି ଭିତରେ ଗୁମ୍ଫାଟିଏ କରାଯାଇଛି, ଯହିଁରେ ବାଘର ଉପର ମାଢ଼ିଦାନ୍ତ ସହ ଗୁମ୍ଫାର ଛାତ ଭାବରେ ଦିଶୁଛି । ବାଘର ଆଖି, କାନ, ମୁଣ୍ଡ ଗୁମ୍ଫାଟିର ଗୁରୁତ୍ୱପୂର୍ଣ୍ଣ ରୂପ ସୃଷ୍ଟି କରୁଛି । ଗୁମ୍ଫାଟିର ଆୟତନ ହେଉଛି ସାତଫୁଟରେ ଛଅଫୁଟ ଚାରିଇଞ୍ଚ, ଏହାର ମଥାର ଶିଳାଲିପିରେ ଦେଖିବାକୁ ମିଳେ କେତୋଟି ପୁରାତନ ବ୍ରାହ୍ମୀ ଅକ୍ଷର ।



## ସାପ ଗୁମ୍ଫା

ସାପ ଗୁମ୍ଫା ବା ସର୍ପ ଗୁମ୍ଫାର ନାମକରଣ ବାଘ ଗୁମ୍ଫା ପରି ହୋଇଛି । ବାଘର ପାଟିରେ ଗୁମ୍ଫାଟି ଅଛି, ସାପ ଗୁମ୍ଫାର ମଥାରେ ସାପ ଚିତ୍ର ରହିଛି । ତିନି ଫଣା ବିଶିଷ୍ଟ ସାପ । ଏହାର ଗୋଟିଏ ଅଣଓସାରିଆ ବାରଣ୍ଡା ଏବଂ ଚିକ୍କଣ କ୍ଷୁଦ୍ର ଚଟାଣ ରହିଛି । ଏହି ଗୁମ୍ଫାରେ ନିକଟ ଗୁମ୍ଫାଗୁଡ଼ିକ ପରି ଖାରବେଳଙ୍କ ଅମଳର ଶିଳାଲିପି ରହିଛି । ଏହି ଗୁମ୍ଫାର ନିର୍ମାତା ଚୂଳକମ, ସମ୍ଭବତଃ କମ (କର୍ମସଚିବ)ଙ୍କର ଅଧସ୍ତନ କର୍ମଚାରୀ । ଏହି ଗୁମ୍ଫାଟିରେ କମ ଏବଂ କ୍ଷୀଣ (ସମ୍ଭବତଃ କମଙ୍କର ଧର୍ମପତ୍ନୀ) କ୍ଷୀଣଙ୍କ ନାମ ଉଲ୍ଲେଖ ରହିଛି । ଏହି ଦମ୍ପତି ଗୁମ୍ଫାଟିକୁ କଳିଙ୍ଗରାଜ୍ୟ ସମ୍ପଦ ଭାବରେ ଦାନ କରିଛନ୍ତି ।

## ହରିଦାସ ଗୁମ୍ଫା

ଉଦୟଗିରିର ହରିଦାସ ଗୁମ୍ଫାଟି ହାତୀ ଗୁମ୍ଫାର ନିକଟ ଗୁମ୍ଫା ଏବଂ ହାତୀ ଗୁମ୍ଫା ଐତିହ୍ୟ ସହିତ ଜଡ଼ିତ । ଏଥିରେ ଛୋଟ ଶିଳାଲିପିଟିଏ ସୂଚାଏ କି ଏହା ବି ହାତୀ ଗୁମ୍ଫା ଓ ସାପ ଗୁମ୍ଫା ପରି ରାଜକର୍ମଚାରୀ ଚୂଳକମଙ୍କ ଦ୍ୱାରା ଖୋଦିତ ହୋଇଥିଲା । ଏହି ଗୁମ୍ଫାଟି ଆଜକୁ ଆଠ ଶହ ବର୍ଷ ପୂର୍ବେ ସପ୍ତଦଶ ଶତାବ୍ଦୀର ସନ୍ଥ ହରିଦାସଙ୍କ ନାମ ସହିତ ସମ୍ବନ୍ଧିତ ।

## ରୋଷେଇ ଗୁମ୍ଫା

ଉଦୟଗିରିର ରୋଷେଇ ଗୁମ୍ଫା କ୍ଷୁଦ୍ର ଗୁମ୍ଫାଟିଏ । ପତଳା ବାରଣ୍ଡା, ବାରଣ୍ଡା ଛାତର କୌଣସି ଖମ୍ବ ଆଧାର ନାହିଁ । ଏହି ଗୁମ୍ଫାଟି ପାଖ ଜଗନ୍ନାଥ ଗୁମ୍ଫାରେ ଜଗନ୍ନାଥଙ୍କ ଛବି ଥିବା ସମୟରେ ଏଇଟା ଗହଳି ସ୍ଥାନ ନିଶ୍ଚିତ ଥିଲା । ଏଠାରେ ଜଗନ୍ନାଥଙ୍କର ଭୋଗ ପ୍ରସ୍ତୁତ ହେଉଥିଲା ।

## ଧନଘର ଗୁମ୍ଫା

ଧନଘର ଗୁମ୍ଫାଟି ଗୋଟିଏ ସାଦା କମ୍ ଉଚ୍ଚତା ବିଶିଷ୍ଟ ଗୁମ୍ଫା । ଏହାର ଛୋଟ ବାରଣ୍ଡାଟିଏ, ବାରଣ୍ଡାର ଛାତ ଅଛି । ଦୁଇଟି ସ୍ତମ୍ଭ ଏବଂ ତିନୋଟି ଦ୍ୱାର ରହିଛି । ଦ୍ୱାରବନ୍ଧରେ ଚିତ୍ର ହୋଇଛି । କିଛି ଜୀବଜନ୍ତୁ, ବାମ ଦ୍ୱାରବନ୍ଧର ହାତୀ ଓ ଡାହାଣ ଦ୍ୱାରବନ୍ଧରେ ସିଂହମୁଣ୍ଡର ଚିତ୍ର ଖୋଦିତ । ବାମ ଦ୍ୱାରବନ୍ଧରେ ପଗଡ଼ି ପିନ୍ଧା ଦ୍ୱାରପାଳ ଖାଲିପାଦରେ ଠିଆହୋଇଛି ।

## ପଣସ ଗୁମ୍ଫା

ଉଦୟଗିରିର ପଣସ ଗୁମ୍ଫା କୌଣସି ଗଠନମୂଳକ ବା କାରୁକାର୍ଯ୍ୟ ଖଚିତ ବିଶେଷତ୍ୱ ବହନ କରେନି, ମାତ୍ର ଇତିହାସର ପୃଷ୍ଠଭୂମିରେ କେବଳ ପ୍ରାଚୀନତା ବହନ କରେ । ଏହା ଖାରବେଳଙ୍କ ଶାସନକାଳ ହିସାବକୁ ନେଲେ, ଏକ ପୁରାତନ ଗୁମ୍ଫା । ସ୍ଥାନୀୟ ଲୋକମାନେ ଏହାର ନାମକରଣ ସମ୍ମୁଖରେ ଥିବା ପଣସଗଛ ହେତୁ କରିଥିବା ଅନୁମାନ କରାଯାଏ । ସତକୁ ସତ ଏବେ ବି ପଣସ ଗଛ ରହିଛି ।

## ଠାକୁରାଣୀ ଗୁମ୍ଫା

ଠାକୁରାଣୀ ଗୁମ୍ଫା ଅଳକାପୁରୀ ଗୁମ୍ଫା ପରି ଦୁଇ ମହଲା ବିଶିଷ୍ଟ । ତଳ କୋଠରିଟି ଆକାରରେ ବଡ଼, ଉପର କୋଠରିର ଛାତ ଧନୁପରି ବକ୍ର, ଚଟାଣ ସମତଳ ନ ହୋଇ ଶୋଇବାପାଇଁ ମୁଣ୍ଡପଟ ତକିଆ ପରି ଉଚ୍ଚ କରି ଗଢ଼ାଯାଇଛି । ସାମନାରେ ବାରଣ୍ଡା ରହିଛି, ଏବଂ ବାରଣ୍ଡାର ଗୋଟିଏ ଖମ୍ବ ଉପରକୁ ଆଶ୍ରିତ । ଏହି ଗୁମ୍ଫାର ଦ୍ୱାରବନ୍ଧ ଓ କାନ୍ଥରେ ମକର, ପକ୍ଷୀଯୁକ୍ତ ଜନ୍ତୁ, ଚଢ଼େଇ ମୁଣ୍ଡ ରହିଛି । ଏହି ଗୁମ୍ଫାଟି ପୁରାତନ ଗୁମ୍ଫା ଶ୍ରେଣୀର ।

## ହାତୀ ଗୁମ୍ଫା

ହାତୀ ଗୁମ୍ଫା ଗୋଟିଏ ବିଶ୍ୱପ୍ରସିଦ୍ଧ ଗୁମ୍ଫା । ଏହା ଏକ ପ୍ରାକୃତିକ ଗୁମ୍ଫା । ଏହା ବିଶ୍ୱ ଇତିହାସର ଏକ ମାଇଲଖୁଣ୍ଟ । କାରଣ ଏହାର ଶିଳାଲିପି କଳିଙ୍ଗ, ଭାରତବର୍ଷ ଓ ବିଶ୍ୱ ଇତିହାସର ପରିଚୟ ନିଜ ମଥାରେ ଧାରଣ କରେ । ଏହାର ନାମ ହାତୀଗୁମ୍ଫା, କାରଣ ବଣଜଙ୍ଗଲ ଭରା ଏଇ କମ୍ ଉଚ୍ଚର ଗୁମ୍ଫା ପାହାଡ଼ ଚଢ଼ିବା ବେଳେ ଏହା ହାତୀଟିଏ ଶୋଇବା ପରି ଦିଶେ । ଏଇ ଗୁମ୍ଫାର ଚଉଡ଼ା ମଥାରେ ଖାରବେଳ ନିଜ କଳିଙ୍ଗ ପ୍ରଶାସନର ୧୪ବର୍ଷର ଇତିହାସ ୧୭ଟି ଧାଡ଼ିରେ ବର୍ଣ୍ଣନା କରିଛନ୍ତି । ଆଶ୍ଚର୍ଯ୍ୟର କଥା ଏହି ଗୁମ୍ଫାର ଦକ୍ଷିଣପୂର୍ବକୁ ଚାହିଁଲେ, ଧଉଳି ପାହାଡ଼, ଯେଉଁଠି ଉଦୟଗିରି ହାତୀ ଗୁମ୍ଫା ଆଡ଼କୁ ମୁହଁ କରି ଅଶୋକଙ୍କ ଖୋଦିତ 'ଶ୍ୱେତ ହାତୀ' ଚାହିଁଛି ଓ 'କଳିଙ୍ଗ ଅନୁଶାସନ' ଲିପିବଦ୍ଧ ହୋଇଛି । ଅଶୋକଙ୍କର ଖ୍ରୀଷ୍ଟପୂର୍ବ ୨୫୦ର ଶିଳାଲିପିକୁ ଖାରବେଳଙ୍କର ଆନୁମାନିକ ଖ୍ରୀଷ୍ଟପୂର୍ବ ୨୫ ର ହାତୀଗୁମ୍ଫା ଶିଳାଲିପି ଐତିହ୍ୟର ପରିଚୟ ଦିଏ ।





## ମଞ୍ଚପୁରୀ ଗୁମ୍ଫା

ଉଦୟଗିରିର ମଞ୍ଚପୁରୀ ଗୁମ୍ଫା ଦୁଇମହଲା ବିଶିଷ୍ଟ, ଏହାର ଖୁବ୍ ପ୍ରତ୍ନତାତ୍ତ୍ୱିକ ବୈଶିଷ୍ଟ୍ୟ ରହିଛି । ଏହାର ଉପର ମହଲା ସ୍ୱର୍ଗପୁରୀ ଗୁମ୍ଫା ଭାବରେ ପରିଚିତ, ତଳଭାଗଟି ମଞ୍ଚପୁରୀ । ଦୁଇଟିର ପ୍ରବେଶପଥ ପୃଥକ୍ । ମଞ୍ଚପୁରୀ ଗୁମ୍ଫାକୁ ଯେତେବେଳେ ହାତୀ ଗୁମ୍ଫାରୁ ତଳକୁ ଓହ୍ଲାଇବା ବେଳକୁ ବାମପାର୍ଶ୍ୱର ପ୍ରଥମ ଗୁମ୍ଫା, ସ୍ୱର୍ଗପୁରୀ ହାତୀ ଗୁମ୍ଫା ସ୍ତରରେ ପୂର୍ବଦିଗରେ ଅବସ୍ଥିତ ଗୁମ୍ଫା ।

୧) **ମଞ୍ଚପୁରୀ ଗୁମ୍ଫା** : ଏହା ଦୁଇ ଧାଡ଼ି ଗୁମ୍ଫାର ସମଷ୍ଟି । ମୂଳ ଗୁମ୍ଫାର ଦୁଇଟି କକ୍ଷ ରହିଛି ଏବଂ ପ୍ରତିଟି ପାର୍ଶ୍ୱରେ କୋଠରି ରହିଛି । ଗୁମ୍ଫା ସାମ୍ନାରେ ଦ୍ୱାରପାଳ, ଧୋତି ଓ ଉତ୍ତରୀୟ ପରିହିତ, ମୁଣ୍ଡରେ ପଗଡ଼ି । ମୁଖ୍ୟଦ୍ୱାରର ଚାରିଗୋଟି ପ୍ରବେଶପଥ । ଦ୍ୱାରବନ୍ଧରେ ପଶୁପକ୍ଷୀ ଚିତ୍ର ଖୋଦିତ । କାନ୍ଥରେ ଫୁଲର ଚିତ୍ର, ବାଳକମାନଙ୍କର ଜନ୍ତୁଗୁଡ଼ିକୁ ଦ୍ରୁତ ପାଶ୍ଚାତ୍‌ଧାବନ ଦୃଶ୍ୟ ସହିତ ଅନେକ ସେକାଳର ଚିତ୍ର ରହିଛି ।

୨) **ସ୍ୱର୍ଗପୁରୀ ଗୁମ୍ଫା** : ସ୍ୱର୍ଗପୁରୀ ଗୁମ୍ଫାଟି ମଞ୍ଚପୁରୀ ଗୁମ୍ଫାର ଉପର ମହଲା ଏବଂ ଉଭୟେ ଆଠ ନମ୍ବର ଗୁମ୍ଫା ଭାବରେ ନାମିତ । ଏହି ଗୁମ୍ଫା ଦୁଇଟି ଇତିହାସ ଏବଂ ପ୍ରତ୍ନତତ୍ତ୍ୱ ବିଭାଗର ଗନ୍ତାଘର । ପାତାଳପୁରୀ ଗୁମ୍ଫା ଚାରିକୋଠରି ବିଶିଷ୍ଟ ପାତାଳପୁରୀ ଗୁମ୍ଫା ଏକ ଅତି ପ୍ରାଚୀନ ଗୁମ୍ଫା । ଏହି ଗୁମ୍ଫାର ଉଚ୍ଚତା ଅନ୍ୟଗୁମ୍ଫା ଅପେକ୍ଷା ଅଧିକ । ଏହାର ପଛ କାନ୍ଥ ଏବେ ସମୟକ୍ରମେ କ୍ଷୟ ହୋଇଯାଇଛି । ବାରଣ୍ଡା କାନ୍ଥରେ ବହୁ ଜନ୍ତୁ ପଛକୁ ପଛ ହୋଇ ଠିଆ ହୋଇଥିବାର ଶିଳାଚିତ୍ର ଦେଖିବାକୁ ମିଳେ । ଜଣେ ସୈନିକ ଗୋଟିଏ ବର୍ଚ୍ଛା ଓ ଢାଲ ଧରି ସିଂହ ସହିତ ଘମାଘୋଟ ଲଢ଼େଇ କରୁଛି । ଏହା ତତ୍କାଳୀନ ଶିଳାଶିଳ୍ପ ଉପରେ ଆଲୋକପାତ କରେ ।

## ତାତୁଆ ଗୁମ୍ଫା (ତଳ)

ଖଣ୍ଡଗିରି ପାହାଡ଼ର ଏଇଟି ସବୁଠାରୁ ତଳସ୍ତରର ଗୁମ୍ଫା, ପ୍ରଥମ ପାହାଚ ଚଢ଼ି ଡାହାଣକୁ ଗଲେ ବାମ ପଟେ ଉପର ତାତୁଆ ଗୁମ୍ଫା ପଡ଼ିବ, ସେଠାରୁ ପାହାଚରେ ତଳକୁ ଓହ୍ଲାଇ ଗଲେ, ତଳ ତାତୁଆ ଗୁମ୍ଫା । ତାତୁଆ ଅର୍ଥ ଶୁଆ; ଏହି ଗୁମ୍ଫାର ତୋରଣରେ ଶୁଆ ଚିତ୍ର ଖୋଦିତ ହୋଇଥିବାରୁ ଏହାର ନାମକରଣ 'ତାତୁଆ ଗୁମ୍ଫା' କରାଯାଇଛି । ଏହି ଗୁମ୍ଫାଟି କମ୍ ଉଚ୍ଚତା ବିଶିଷ୍ଟ । ଏହାର ଦୁଇଟି ପ୍ରବେଶଦ୍ୱାର ରହିଛି । ଦ୍ୱାରବନ୍ଧ ବୃଷଭ ଏବଂ ସିଂହ ଚିତ୍ରରେ ପରିପୂର୍ଣ୍ଣ । ଦୁଇଜଣ ଦ୍ୱାରପାଳ ଖଡ୍‌ଗହସ୍ତରେ ଗୁମ୍ଫାଟିକୁ ଜଗି ରହିବାର ପ୍ରତୀୟମାନ ହୁଏ ।


## ତାତୁଆ ଗୁମ୍ଫା (ଉପର)

ଉପର ତାତୁଆ ଗୁମ୍ଫା ଆୟତନରେ ତଳ ତାତୁଆ ଗୁମ୍ଫାଠାରୁ ଅଧିକ । ଏହାର ତିନୋଟି ଦ୍ୱାର ଏବଂ ଦ୍ୱାରଦେଶ ଓ ତୋରଣଗୁଡ଼ିକ ସୂକ୍ଷ୍ମ ଶିଳାଚିତ୍ରରେ ପରିପୂର୍ଣ୍ଣ । ଦ୍ୱାରବନ୍ଧ ତଳେ ବର୍ଗ ଚତୁଷ୍କୋଣୀ ଥିବା ବେଳେ, ଉପରକୁ ଅଷ୍ଟକୋଣୀ ହୋଇଛି । ଏଥିରେ ଦେଖାଯାଉଛି ଦୁଇସିଂହ, ଚାରି ହାତୀ ଏବଂ ତଳେ ଷଣ୍ଢ । ଏହି ଗୁମ୍ଫାର ଶିଳାଚିତ୍ର ଜୀବନ୍ତ ପ୍ରତୀୟମାନ ହୁଏ । ତୋରଣଗୁଡ଼ିକ ଲତା ଏବଂ ପଦ୍ମଫୁଲରେ ସୁଶୋଭିତ, ଏପରି ଅନୁପାତରେ ପତ୍ରପୁଷ୍ପ ସଜ୍ଜିତ ଖୁବ୍ ଆକର୍ଷଣୀୟ ଦିଶୁଛି । ପ୍ରତିଟି ତୋରଣ ଅଗ୍ରଭାଗରେ ଗୋଟିଏ ଗୋଟିଏ ନନ୍ଦିପଦ ଚିହ୍ନ ରହିଛି ।




## ଅନନ୍ତ ଗୁମ୍ଫା

ଖଣ୍ଡଗିରି ପାହାଡ଼ର ଅନନ୍ତ ଗୁମ୍ଫା ସବୁଠାରୁ ସୁନ୍ଦର ଶିଳାଶିଳ୍ପର ଉତ୍କର୍ଷ ବହନ କରେ । ଏଇଟା ଗୋଟିଏ ଆୟତାକାର ଗୁମ୍ଫା, ଏହାର ଛାତଟି ସହିତ ବାରଣ୍ଡା ଛାତ ବି ଉତ୍ତଳ । ଏହାର ଚାରିଗୋଟି ଦ୍ୱାର ଓ ସେଗୁଡ଼ିକର ଦ୍ୱାରବନ୍ଧ ରହିଛି । ଦ୍ୱାରବନ୍ଧଗୁଡ଼ିକ ଘଟ ଉପରେ ଦଣ୍ଡାୟମାନ । ଏଥିରେ ଜୀବଜନ୍ତୁ ସହିତ ଅନେକ କାରୁକାର୍ଯ୍ୟ ହୋଇଛି । ଏହାର ତୋରଣରେ ଅନେକ ପଶୁପକ୍ଷୀ ଅଛନ୍ତି, କଡ଼ରେ ତିନିଫଣା ବିଶିଷ୍ଟ ସାପ ଜଗି ରହିଛନ୍ତି । ଏହି ଫଣାଯୁକ୍ତ ସାପ ହିଁ ଶାସ୍ତ୍ର ଅନୁସାରେ ପାତାଳର ଅନନ୍ତ ନାଗ । ସମ୍ଭବତଃ ସେହି କାରଣରୁ ଏହି ଗୁମ୍ଫାକୁ ଅନନ୍ତ ଗୁମ୍ଫା ଭାବରେ ନାମକରଣ କରାଯାଇଛି ।



## ଖଣ୍ଡଗିରି ଗୁମ୍ଫା

ଖଣ୍ଡଗିରି ଗୁମ୍ଫା ଠିକ୍ ଚଢୁଥିବା ଶିଡ଼ି ସାମ୍ନାରେ ଥିବା ତଳ-ଉପର ହୋଇ ଦୁଇ ବଖୁରିଆ ଗୁମ୍ଫା, ଏହି ଗୁମ୍ଫାର ଦକ୍ଷିଣକୁ ଏକା ଉଚ୍ଚତାରେ ରହିଛି - ଧ୍ୟାନଗୁମ୍ଫା, ନବମୁନିଗୁମ୍ଫା, ବାରଭୂଜୀଗୁମ୍ଫା ଏବଂ ତ୍ରିଶୂଳଗୁମ୍ଫା । ସେଗୁଡ଼ିକ ସାମ୍ନାରେ ଗୋଟିଏ ସମତଳ ଅଗଣା କ୍ଷେତ୍ର ।




## ଧ୍ୟାନ ଗୁମ୍ଫା

ଧ୍ୟାନ ଗୁମ୍ଫାର ନାମକରଣରୁ ଜଣାଯାଏ, ଏହିଠାରେ ତାପସମାନେ ଧ୍ୟାନ କରନ୍ତି । ମୂଳ ଧ୍ୟାନ ଗୁମ୍ଫାଟି ଆକରରେ ଛୋଟ ଥିଲା, ଏହାର ପୂର୍ବ କାନ୍ଥ ଭାଙ୍ଗି ଏବଂ ବାରଣ୍ଡାର ଖମ୍ବ ବାହାର କରି ଏହାର ଆକାର ବୃଦ୍ଧି କରାଯାଇଛି । ଏହାର ଚଟାଣକୁ ବି ତାଡ଼ି ଗଭୀର କରାଯାଇଛି ଏବଂ ଶୋଇବାପାଇଁ ଗଡ଼ାଣିଆ କରାଯାଇଛି ।

## ତେନ୍ତୁଳି ଗୁମ୍ଫା

ଖଣ୍ଡଗିରିର ଏହି ତେନ୍ତୁଳି ଗୁମ୍ଫାଟି ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ନାମିତ, ଏହା ପାଖରେ ଗୋଟିଏ ତେନ୍ତୁଳିଗଛ ଥିବାରୁ ଏପରି ନାମକରଣ ହୋଇଛି । ଏହା ଗୋଟିଏ ଛୋଟ ଗୁମ୍ଫା, ଏହାର ଦୁଇଟି ପ୍ରବେଶ ଦ୍ୱାର ରହିଛି, ଗୋଟିଏ ଖମ୍ବ ସହିତ ବାରଣ୍ଡାଟିଏ ରହିଛି । ଏହା ଭିତରେ କିଛି ଶିଳାଶିଳ୍ପ ଦେଖିବାକୁ ମିଳେ, ଦ୍ୱାରବନ୍ଧ ଏବଂ ତୋରଣରେ ଦୁଇଟି ଜନ୍ତୁଙ୍କର ଚିତ୍ର ରହିଛି, ହାତୀ ଓ ସିଂହ ଚିତ୍ର ସହିତ ଗୋଟିଏ ଝିଅ ଦୁଇହାତରେ ପଦ୍ମଫୁଲ ନେଉଥିବା ଦେଖାଯାଉଛି । ଗୋଟିଏ ହାତୀ ବି ମନ ଖୁସିରେ ଖେଳୁଥିବାର ଚିତ୍ରଟିଏ ରହିଛି ।



## ନବମୁନି ଗୁମ୍ଫା

ନବମୁନି ଗୁମ୍ଫା ଖଣ୍ଡଗିରିର ଗୋଟିଏ ପ୍ରମୁଖ ଗୁମ୍ଫା । ଏହାର ଆକାର ବେଶ୍ ବଡ଼ ଏବଂ ଏହା ସାମ୍ନା ଖୋଲା ଅଗଣାକୁ ମୁହଁ କରିଛି । ଦୁଇଟି ଗୁମ୍ଫାର ମଝିକାନ୍ଥ ଭାଙ୍ଗିଦେଇ ଗୋଟିଏ କରାଯାଇଛି ଏବଂ ଏହାର ଗୋଟିଏ ବାରଣ୍ଡା ରହିଛି । ଗୁମ୍ଫାଟିକୁ ଆବାସିକ କଳାପରେ ଏହାର ଅଣଓସାରିଆ ଡାହାଣ କାନ୍ଥରେ ଦଶଟି ତୀର୍ଥଙ୍କରମାନଙ୍କର ଚିତ୍ର କ୍ଷୁଦ୍ର ଆକାରରେ ଖୋଦିତ ହୋଇଛି ।

## ବାରଭୂଜୀ ଗୁମ୍ଫା


ଖଣ୍ଡଗିରିର ବାରଭୂଜୀ ଗୁମ୍ଫା ସ୍ଥାନୀୟ ଲୋକଙ୍କଦ୍ୱାରା ସବୁଠାରୁ ବେଶି ଆଦୃତ ଶକ୍ତିପୀଠର ଗୁମ୍ଫା ଭାବରେ ପରିଚିତ । ପାହାଡ଼ଟି ଇତିହାସର ମଧ୍ୟଯୁଗରେ ଯେତେବେଳେ ଜୈନମାନଙ୍କ ଦ୍ୱାରା ପରିତ୍ୟକ୍ତ ହୋଇଥିଲା, ସ୍ଥାନୀୟ ଗ୍ରାମବାସୀମାନେ ଗୋଟିଗୋଟି ଗୁମ୍ଫାର ଅନୁଶୀଳନ କରି କେବଳ ଏହି ଗୁମ୍ଫାରେ ଦେବୀମାନଙ୍କ ଶିଳାଚିତ୍ର ଏବଂ ସମ୍ମୁଖରେ ଦୁଇକାନ୍ଥରେ ବାରଭୂଜୀ ଦୁର୍ଗାଙ୍କର ଉପସ୍ଥିତି ଅନୁଭବ କରି ଏହାର ନାମକରଣ କରିଥିଲେ ।

## ଅମ୍ବିକା ଗୁମ୍ଫା

ଅମ୍ବିକା ଗୁମ୍ଫା ପ୍ରାୟତଃ ନିଶ୍ଚିହ୍ନ ହୋଇଯାଇଛି । ଏହା ତ୍ରିଶୂଳ ଗୁମ୍ଫାର ଦକ୍ଷିଣରେ ଅବସ୍ଥିତ । ଏହାର ପଥର ଖୋଳିନେବା ଫଳରେ ଏହାର ଆଗ ଏବଂ ପାର୍ଶ୍ୱକାନ୍ଥଗୁଡ଼ିକ ଆଉ ନାହିଁ, କେବଳ ପଛକାନ୍ଥ ରହିଛି । ପଛକାନ୍ଥରେ ପ୍ରାୟ ପାଞ୍ଚ ମିଟର ଉଚ୍ଚରେ ଋଷଭନାଥ ଏବଂ ଅମ୍ବା (ଅମ୍ବିକା) ମୂର୍ତ୍ତି ରହିଛି । ଋଷଭନାଥଙ୍କର ଦୁଇଟି ବିବସ୍ତ୍ର ଛବି କାୟତ୍‌ସର୍ଗ ଭଙ୍ଗୀରେ ଗୋଟିଏ ଦୁଇପାଖୁଡ଼ା ବିଶିଷ୍ଟ ପଦ୍ମ ଉପରେ ରହିଛି । ତା ତଳେ ରହି ଭାର ସମ୍ଭାଳିଛନ୍ତି ଦୁଇଟି ସିଂହ ଏବଂ ଗୋଟିଏ ବୃଷଭ । ଏଠାରେ ଅନେକ ଗୁଡ଼ିଏ ଶିଳା ଶିଳ୍ପ ଧ୍ୱଂସ ହୋଇଯାଇଛି । ଅମ୍ବିକା ଗୁମ୍ଫା ସନ୍ନିକଟ ଲଲାଟେନ୍ଦୁ କେଶରୀ ଗୁମ୍ଫା ମଧ୍ୟ ସମ୍ପୂର୍ଣ୍ଣ ବିଧ୍ୱସ୍ତ ହୋଇଯାଇଛି ।

ଖଣ୍ଡଗିରିର ତ୍ରିଶୂଳ ଗୁମ୍ଫା ଦକ୍ଷିଣରେ ବହୁ ଗୁମ୍ଫା ପଥର ଖନନ ହେତୁ ଧ୍ୱଂସ ପାଇଯାଇଛି । ଅମ୍ବିକା ଗୁମ୍ଫା ବର୍ଣ୍ଣନାରୁ ପ୍ରତୀୟମାନ ହୁଏ, ଅମ୍ବିକା ଗୁମ୍ଫା, ଲଲାଟେନ୍ଦୁ କେଶରୀଗୁମ୍ଫା ଗୁଡ଼ିକର ନାମକୁ ମାତ୍ର ପଛ କାନ୍ଥଟି ରହିଛି, ଯହିଁରେ ଅନେକ କାରୁକାର୍ଯ୍ୟ ଦେଖାଯାଏ । ପଛ କାନ୍ଥର ଉପରେ ମୂର୍ତ୍ତିଗୁଡ଼ିକର ରୂପରେଖ ସ୍ପଷ୍ଟ ଭାବରେ ଭଗ୍ନ ଗୁମ୍ଫାର ପରିଚୟ ଦିଏ । ଖଣ୍ଡଗିରି ପୂର୍ବଭାଗକୁ ଛାଡ଼ିଦେଲେ, ଅନେକ କ୍ଷୁଦ୍ରଗୁମ୍ଫା ରହିଛି । ଦକ୍ଷିଣ ଦିଗରେ ଶାମକୁଣ୍ଡ ଏବଂ ସଂଲଗ୍ନ ଗୁମ୍ଫା, ମଧ୍ୟଭାଗରେ ଗୁପ୍ତଗଙ୍ଗା ଏମିତି ଅନେକ ଅପହଞ୍ଚ ଗୁମ୍ଫା ରହିଛି । ■

୧୨୮, ଡୁମଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ମୋ: ୯୪୩୮୦୦୭୫୦୯



# ହାତୀ ଗୁମ୍ଫା ଶିଳାଲେଖ

# ଓଡ଼ିଆ ଲିପିର ମୟୂଖ



ଡକ୍ଟର ଦେବାଶିଷ ମହାପାତ୍ର

ଆମ ଅସ୍ମିତାର ପ୍ରତୀକ ଓଡ଼ିଆ ଭାଷା, ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷା । ୨୦୧୪ ମସିହା, ମାର୍ଚ୍ଚ ମାସ ୧୧ ତାରିଖରୁ ଏହି ଶାସ୍ତ୍ରୀୟତାର ଜୟଯାତ୍ରା ପଛରେ ରହିଛି ଆମ ଗୌରବମୟ ଐତିହ୍ୟର ପ୍ରାମାଣିକ ପଦଚିହ୍ନ । ଶିଳାଲେଖ, ସନନ୍ଦ ଓ ତାଳପତ୍ର ପୋଥିରେ ସାଇତା ହୋଇ ରହିଛି ଆମ ଶାସ୍ତ୍ରୀୟ ସ୍ୱାକ୍ଷର । ଏଥିରେ ପ୍ରମୁଖ ହେଉଛି ଭୁବନେଶ୍ୱରର ଦୁଇଟି ଐତିହାସିକ ଶିଳାଲେଖ । ପ୍ରଥମଟି ହେଉଛି ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଧଉଳି ଉପଦେଶରେ ଥିବା ଅଶୋକଙ୍କ ଶିଳାଲେଖ । ଅନ୍ୟଟି ହେଉଛି, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଖଣ୍ଡଗିରି – ଉଦୟଗିରିସ୍ଥିତ ହାତୀ ଗୁମ୍ଫା ଶିଳାଲେଖ । ଖାରବେଳଙ୍କ ଶାସନକାଳୀନ ଏହି ଶିଳାଲେଖର ଲିପି ବ୍ରାହ୍ମୀ ଓ ଭାଷା ପାଲି । ଓଡ଼ିଆ ଲିପି ଓ ଭାଷାର ଉଦ୍ଭବ, ବିକାଶରେ ଖଣ୍ଡଗିରିର ଏହି ଶିଳାଲେଖର ଅବଦାନ ଅବିସ୍ମରଣୀୟ । କଳିଙ୍ଗ ସମ୍ରାଟ୍ ଖାରବେଳଙ୍କ ଏହି ହାତୀ ଗୁମ୍ଫା ପ୍ରଶସ୍ତିର ଭାଷା ପ୍ରାଚୀନ ଓଡ଼ିଆ, ଏହାକୁ ବି ଅର୍ଦ୍ଧମାଗଧୀ କୁହାଯାଏ । ଭାଷାବିଜ୍ଞାନୀଙ୍କ ମତରେ ଏହି ଶିଳାଲେଖର ପାଠୋଦ୍ଧାରରୁ ମିଳିଥିବା ପ୍ରାଚୀନ ଓଡ଼ିଆ ଶବ୍ଦାବଳୀ ଏତେ ସଂଖ୍ୟକ ଯେ ଅନେକ ସମୟରେ ବିସ୍ମିତ ହେବାକୁ ହୁଏ । ଆଜି ଏଠାରେ ପ୍ରିୟ ପାଠକପାଠିକାଙ୍କ ପାଇଁ ସେହି ଶିଳାଲେଖକୁ ନିର୍ବାଚିତ ଶବ୍ଦାବଳୀ ଉଦ୍ଧାର କରୁଛି । କେତେକ ଶବ୍ଦର ଓଡ଼ିଆ ଆଧୁନିକ ରୂପ ବି ଏଠାରେ ଦେଉଛି ।

ସିରି - ଶ୍ରୀ
ଯୋବରାଜ - ଯୁବରାଜ
ଅଠମେ- ଅଷ୍ଟମେ
ପବତେ - ପର୍ବତେ
ଉତ୍ତରାପଧ - ଉତ୍ତରାପଥ
ଧମରାଜା - ଧର୍ମରାଜ
କୁସଳୋ- କୁଶଳ
ରାଜସି - ରାଜର୍ଷି
ପଛିମ- ପଶ୍ଚିମ
ଲଖନେନ- ଲକ୍ଷଣ
ତଡ଼ାଗ- ପୋଖରୀ
ପୁନ- ପୁଣି
ପନ୍ଦରସ - ପନ୍ଦର
ବହୁଳଂ- ବହୁତ
ପୁବଂ- ପୂର୍ବ

ଏହି ଶବ୍ଦାବଳୀ ସହ ଆହୁରି ଅନେକ ଶବ୍ଦ ଯେମିତିକି :-


| | | | | |
|---|---|---|---|---|
| ସୁଭ | ଗଣନା | ମହାରାଜା | ଗଧ | |
| ଗୁଣ | ବ୍ୟବହାର | ସିତଳ | ଶିତ | |
| ଲେଖ | ବିଧି | ଗଜ | ରତନ | |
| ରୂପ | ଯୁଗେ | ନର | ପାଦେ | |
| ବାଟ | ଘର | ଅନେକ | ପୂଜକ | ଯୋଜନା |
| ହିତ | ସେନ | ଜୟ | ବଳ | ଦାସ |
| କର | ବାହନ | ନଗରି | ଚତୁର | ଜାତି |
| ବଣ | ମଧୁର | ରାଜନିବାସ | କାଳ | ଗହନ |
| ବିପୁଳ | ଭୟ | ନବ | ଚଳି | ସତ |

ବିଦେଶୀ ବିଦ୍ୱାନ୍ ଆଲେକ୍‌ଜାଣ୍ଡାର କନିଙ୍ଗହାମ୍, ବଙ୍ଗୀୟ ବିଦ୍ୱାନ୍ ରଖାଲ୍ ଦାସ୍ ବାନାର୍ଜୀ, ଦୀନେଶ ଚନ୍ଦ୍ର ସରକାର, ସୁନୀତି କୁମାର ଚାଟାର୍ଜୀ, ପ୍ରାକ୍ ସ୍ୱାଧୀନତା କାଳର ମୁଖ୍ୟ ଲିପତତ୍ତ୍ୱବିତ୍ ରାୟ ବାହାଦୂର ଭି. ଭେଙ୍କୟାଙ୍କ ସମେତ ବହୁ ଓଡ଼ିଆ ପ୍ରତ୍ନତତ୍ତ୍ୱବିତ୍ ଓ ଐତିହାସିକ ଉଦୟଗିରି ହାତୀ ଗୁମ୍ଫାର ପାଠୋଦ୍ଧାର, ଭାଷାଚର୍ଚ୍ଚା, ଲିପି ଓ ଭାଷା ଉପରେ ବିଶଦ ଆଲୋଚନା କରି ଏହି ଐତିହାସିକ ଶିଳାଲେଖ ଓଡ଼ିଆ ଲିପି ଓ ଭାଷାର ଉଦ୍ଭବ, କ୍ରମ ବିକାଶରେ କିଭଳି ଅଭୁଲା ଅବଦାନ ଦେଇଛି ତାହା ଦର୍ଶାଇଛନ୍ତି । ଅଭିଲେଖ, ଯାହା ଶିଳାଲେଖ ଓ ସନନ୍ଦ କ୍ରମରେ ଦୁଇ ଭାଗରେ ବିଭକ୍ତ ହୋଇଥାଏ, ସେଥିରେ ଶିଳାଲେଖର ପ୍ରାଚୀନତା ଆମ ଭାଷା ଓ ଲିପିର ପ୍ରାମାଣିକତା ପ୍ରଦାନରେ ସର୍ବଦା ପ୍ରମୁଖ ।

ଭାରତରେ ଏବେ ୧୧ ଟି ଶାସ୍ତ୍ରୀୟ ଭାଷା - ତାମିଲ୍, ସଂସ୍କୃତ, ତେଲୁଗୁ, କନ୍ନଡ଼, ମାଲୟାଲମ୍ ଓଡ଼ିଆ, ଅସମୀୟା, ବଙ୍ଗଳା, ମରାଠୀ, ପାଲି ଓ ପ୍ରାକୃତ । ଆମ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମୁକୁଟ ମଣ୍ଡିତ, କରିବାରେ ଉଦୟଗିରି ହାତୀ ଗୁମ୍ଫା ଶିଳାଲେଖ ଏକ ଆଲୋକବର୍ତ୍ତିକା । ଲିପିତତ୍ତ୍ୱବିତ୍ ଓ ଐତିହାସିକ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ, କେଦାରନାଥ ମହାପାତ୍ର, ପରମାନନ୍ଦ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରାଖାଲଦାସ ବାନାର୍ଜୀ, ଦୀନେଶ


XIV
ROCK AT KHANDAGIRI
in Katak.
KHANDAGIRI CAVES

ଚନ୍ଦ୍ର ସରକାର, ସ୍ନିଗ୍ଧା ତ୍ରିପାଠୀ ପ୍ରମୁଖ ଏହା ଉପରେ ଆଲୋଚନା କରିଛନ୍ତି । ଏହି ଲେଖକ, କେନ୍ଦ୍ରୀୟ ଭାଷା ସଂସ୍ଥାନ, ଅଧୀନସ୍ଥ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ବରିଷ୍ଠ ଗବେଷକ ଥିବାବେଳେ ପାଠୋଦ୍ଧାର ହୋଇଥିବା ସମସ୍ତ ଶିଳାଲେଖକୁ ନେଇ ପ୍ରସ୍ତୁତ କରିଥିବା ଇଂରାଜୀ ଭାଷାର ସନ୍ଦର୍ଭ 'Rock edicts of Odisha ; text and Analysis'କୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ତତ୍କାଳୀନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଲୋକାର୍ପଣ କରିଥିଲେ । ଏଥିରେ ମଧ୍ୟ ଖଣ୍ଡଗିରି କଥା ଅଛି, ଏହି ଶିଳାଲେଖ କଥା ରହିଛି । କହିବା ବାହୁଲ୍ୟ, ଖଣ୍ଡଗିରି – ଉଦୟଗିରି କେବଳ ମେଳା ମହୋତ୍ସବ, ଯାତ୍ରା, ହନୁ ମାଙ୍କଡ଼ କି ଜୈନ କୀର୍ତ୍ତିରାଜିର କଥା କହେ ନାହିଁ ; ଏହା ଆମ ଓଡ଼ିଆ ଲିପି ଓ ଭାଷାର ପ୍ରାଚୀନତାର ପଦଚିହ୍ନ ବହନ କରୁଥିବା ଉଦୟଗିରି ହାତୀଗୁମ୍ଫା ଶିଳାଲେଖର ଅଲିଭା ସ୍ୱାକ୍ଷର । ■



ସହକାରୀ ପ୍ରଫେସର, ଆଞ୍ଚଳିକ ଶିକ୍ଷା ଓ ପ୍ରତିଷ୍ଠାନ
ଭୁବନେଶ୍ୱର - ୭୫୧୦୨୨, ମୋ: ୬୩୭୨୦୮୨୬୯୦

# ଖଣ୍ଡଗିରିର ଔଷଧୀୟ ବୃକ୍ଷଲତା



ଭୁବନେଶ୍ୱରର ଏକ ଐତିହାସିକ ପାହାଡ଼ ଖଣ୍ଡଗିରି । ଏକଦା ଖଣ୍ଡଗିରି ଓ ଉଦୟଗିରି ପାହାଡ଼ର ଚାରିଆଡ଼େ ଶହଶହ ପ୍ରଜାତିର ବୃକ୍ଷଲତା ରହିଥିଲା । ଜୈବବିବିଧତା ଦୃଷ୍ଟିରୁ ଏହି ପାହାଡ଼ ଦୁଇଟି ବେଶ୍ ଗୁରୁତ୍ୱପୂର୍ଣ୍ଣ । ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଏହି ପାହାଡ଼ ସାଧୁସନ୍ଥମାନଙ୍କ ପାଇଁ ଥିଲା ସାଧନାର ମହାନ ଭୂମି । ସବୁଜିମା ଘଞ୍ଚ ଅରଣ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ, ଶାନ୍ତ ପରିବେଶ, ସାଧନା ପାଇଁ ଉର୍ଦ୍ଦିଷ୍ଟ ଗୁମ୍ଫା ନିମନ୍ତେ ସାଧୁସନ୍ନ୍ୟାସୀମାନେ ଏଠାକୁ ଧାଇଁ ଆସୁଥିଲେ । ଏଠାରେ ଥିବା ଆକାଶ ଗଙ୍ଗା, ଶ୍ୟାମକୁଣ୍ଡ, ଗୁପ୍ତଗଙ୍ଗା ଓ ରାଧାକୁଣ୍ଡର ପାଣିକୁ ସାଧୁମାନେ ବ୍ୟବହାର କରୁଥିଲେ । ସେହିପରି ଏଠାରେ ଉପଲବ୍ଧ ଫଳାହାର କରୁଥିଲେ । ପୁଣି ଏହି ପାହାଡ଼ର ଅନେକ ଗଛଲତାର ଥିଲା ଔଷଧୀୟ ଗୁଣ । ଆଜି ବହୁ ଗଛଲତା ଲୋପ ପାଇଗଲାଣି । ତଥାପି ଏବେ ବି ଅନେକ ଔଷଧୀୟ ଗୁଳ୍ମ ରହିଛି ।

ପ୍ରାକୃତିକ ପରିବେଶ, ଐତିହ୍ୟ, କଳା, ସଂସ୍କୃତି ଓ ଧାର୍ମିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଖଣ୍ଡଗିରି-ଉଦୟଗିରି ପାହାଡ଼ । ଘଞ୍ଚ ଜଙ୍ଗଲ ଘେରା ପାହାଡ଼ ଉପରେ ଥିଲା ୪ ଶହରୁ ଅଧିକ ପ୍ରଜାତିର ଗଛଲତା । ଏଠାକାର ଗୁମ୍ଫାଗୁଡ଼ିକ ଥିଲା ତପସ୍ୟା ପାଇଁ ସାଧୁସନ୍ନ୍ୟାସୀଙ୍କ ପ୍ରକୃଷ୍ଟ ସ୍ଥାନ । ଗଛ ହେଉଛି ମଣିଷର ପ୍ରକୃତ ବନ୍ଧୁ । ଗଛରୁ ମଣିଷ ଫଳ, ଫୁଲ, ଜାଳେଣି କାଠ, ଚେରମୂଳରୁ ଔଷଧ ଆଦି ପାଇଥାଏ । ବହୁ ପୂର୍ବରୁ ଖଣ୍ଡଗିରି ଆଖପାଖ ଗାଁର ଲୋକେ ଏଠାରୁ ଜାଳେଣି କାଠ ସଂଗ୍ରହଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଫଳ, ଫୁଲ, ଚେରମୂଳ ଆଦି ସଂଗ୍ରହ କରି ଗୁଜୁରାଣ ମେଣ୍ଟାଉ ଥିଲେ ।






## ଫଳ ଓ କୋଳିର ଜଙ୍ଗଲ

ଏକଦା ଖଣ୍ଡଗିରି ପାହାଡ଼ ଉପରେ ତଥା ଏହାର ଆଖପାଖ ଅଞ୍ଚଳରେ ବର, ହରିଡ଼ା, ବାହାଡ଼ା, ନିମ୍ବ, ଶାଳ, ପିଆଶାଳ ଆଦି ବିଭିନ୍ନ ପ୍ରକାର ଗଛ ପରିପୂର୍ଣ୍ଣ ରହିଥିଲା । ବଡ଼ ବଡ଼ ଗଛରେ ବିଭିନ୍ନ ପ୍ରଜାତିର ଜୀବଜନ୍ତୁ ବସା ବାନ୍ଧି ରହୁଥିଲେ । ଯେଉଁଠି ଘଞ୍ଚ ଜଙ୍ଗଲ ଥିଲା, ଏବେ ତାହା ଟାଙ୍ଗରା ଭୂଇଁରେ ପରିଣତ ହୋଇଗଲାଣି । ପାହାଡ଼ର ଚାରିଆଡ଼େ ବିଭିନ୍ନ କୋଳି ଗଛଲତାରେ ଭର୍ତ୍ତି ହୋଇରହିଥିଲା । ବରକୋଳି, ନିଳାଶ କୋଳି, ବେତ, କଣ୍ଟେଇ କୋଳି, ଗୁଆକୋଳି ଆଦି ସବୁଆଡ଼େ ବ୍ୟାପୀ ରହିଥିଲା । ସେହିଭଳି ବେଲ, ପଣସ, ଆମ୍ବ, କେନ୍ଦୁ ଆଦି ଫଳ ବୃକ୍ଷ ମଧ୍ୟ ବହୁ ପରିମାଣରେ ଥିଲା । ଏବେ କିନ୍ତୁ ସେ ସବୁ ଆଉ ନାହିଁ । ବାତ୍ୟା ସମୟରେ ଅନେକ ଗଛ ଭାଙ୍ଗି ନଷ୍ଟ ହୋଇଯାଇଛି । ସେଭଳି କାଠ ମାଫିଆମାନେ ଅନେକ ମୂଲ୍ୟବାନ ଗଛ କାଟି ନେଇଯାଇଛନ୍ତି ।

## ଔଷଧୀୟ ବୃକ୍ଷଲତା

ଅତୀତରେ ବହୁ ପ୍ରଜାତିର ଔଷଧୀୟ ବୃକ୍ଷଲତା ପରିପୂର୍ଣ୍ଣ ଥିଲା ଖଣ୍ଡଗିରି ଓ ଉଦୟଗିରି ପାହାଡ଼ । ଏଠାକାର ଘାସ, ଗୁଳ୍ମ, ଛୋଟବଡ଼ ପ୍ରତିଟି ଗଛରେ ଔଷଧୀୟ ଗୁଣ ଭରି ରହିଥିଲା । ପ୍ରାୟ ଶତାଧିକ ପ୍ରକାରର ଔଷଧୀୟ ଗଛଲତା ଏଠାରେ ଥିଲା । ଖଣ୍ଡଗିରିସ୍ଥିତ 'ବିଶ୍ୱଶାନ୍ତି ଆଧାତ୍ମିକ ଯୋଗାଶ୍ରମ'ର ଅଷ୍ଟବକ୍ରମୁନି ସତ୍ୟସାଧୁ ବ୍ରହ୍ମଚାରୀ ଶ୍ରୀ ବିଚିତ୍ରାନନ୍ଦ ଦାସ ସରସ୍ୱତୀ ମହାରାଜଙ୍କ କହିବା ଅନୁସାରେ "ଅତୀତରେ ଖଣ୍ଡଗିରି ପାହାଡ଼ରେ ଅନେକ ଔଷଧୀୟ ବୃକ୍ଷଲତା ଥିଲା । ବେଲ, ନିମ୍ବ, ଘିକୁଆଁରୀ, ଗୁଡୁମାରୀ, ଗୁଳୁଚି, ବାସଙ୍ଗ, ଗଙ୍ଗ ଶିଉଳି, ବୌଦ୍ଧଚକ୍ର, ଅମର କୋଇଲି, ପାତାଳ ଗରୁଡ଼, ରୁଦ୍ରାକ୍ଷ, ଅପରାଜିତା, ଆକାଶ କଇଁଆ, ଅଁଳା, ଚନ୍ଦନ, ବାସ ଚନ୍ଦନ, ରକ୍ତ ଚନ୍ଦନ, ଲବଙ୍ଗ, ଗୁଜୁରାତି, ରାଧାଚୂଡ଼ା, କୃଷ୍ଣଚୂଡ଼ା ଆଦି ଶହ ଶହ ପ୍ରକାର ଗଛ ରହିଥିଲା । ପ୍ରତ୍ୟେକ ଗଛର ଫୁଲ, ଫଳ, ପତ୍ର, ଛାଲି ଆଦିର ଔଷଧୀୟ ଗୁଣ ରହିଛି । ମଣିଷର ବିଭିନ୍ନ ରୋଗର ଉପଶମ ପାଇଁ ଏହି ସବୁ ଗଛଗୁଡ଼ିକରୁ ପ୍ରସ୍ତୁତ ଔଷଧ ବେଶ୍ ସହାୟକ ହୋଇଥାଏ । ପୂର୍ବରୁ ଅନେକ ଆୟୁର୍ବେଦ ଡାକ୍ତର ଏଠାରୁ ଚେରମୂଳି ସଂଗ୍ରହ କରି ଔଷଧ ପ୍ରସ୍ତୁତ କରୁଥିଲେ ।" ବିଚିତ୍ରାନନ୍ଦ ଦାସ ସରସ୍ୱତୀ ମହାରାଜଙ୍କ କହିବାନୁସାରେ ଏକଦା ଔଷଧୀୟ ଗଛଲତାର ଗବେଷଣାଗାର ଥିଲା ଏହି ଐତିହାସିକ ପାହାଡ଼ ।




ଧୀରେ ଧୀରେ ସେ ସବୁ ଔଷଧୀୟ ଗଛଲତା ନଷ୍ଟ ହେବାରେ ଲାଗିଛି । କାଠ ମାଫିଆଙ୍କ ଦୌରାତ୍ମ୍ୟ ଯୋଗୁଁ ଏଠାକାର ବଡ଼ ବଡ଼ ଗଛ ଆଉ ନାହିଁ । ଫଳରେ ଦିନକୁ ଦିନ ଶ୍ରୀହୀନ ହେବାରେ ଲାଗିଛି ଏହି ଐତିହାସିକ ପାହାଡ଼ । ତେଣୁ ଏହାର ସଂରକ୍ଷଣ ଓ ସୁରକ୍ଷା କରିବା ସମୟ ଆସିଛି । ବିଗତକିଛି ବର୍ଷ ହେଲା ସ୍ଥାନୀୟ କିଛି ସ୍ୱେଚ୍ଛାସେବୀଙ୍କ ଉଦ୍ୟମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଡାକ୍ତର ଇନ୍ଦ୍ରମଣି ଜେନା, ଚିତ୍ରଶିଳ୍ପୀ ସୋନାରାମ ସିଂହ ପ୍ରମୁଖଙ୍କ ପ୍ରୟାସରେ କିଛି ସ୍ୱେଚ୍ଛାସେବୀ ପାହାଡ଼ ଉପରେ ୨୦୦ରୁ ଅଧିକ ବୃକ୍ଷରୋପଣ କରିବା ସହିତ ତାର ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଛନ୍ତି । ଏ ସଂପର୍କରେ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ପ୍ରକୃତି ପ୍ରେମୀ ସୋନାରାମ ସିଂହ କହନ୍ତି "ହରିଡ଼ା, ବାହାଡ଼ାଠାରୁ ଆରମ୍ଭ କରି ନିମ୍ବ ପର୍ଯ୍ୟନ୍ତ ଅନେକ ଔଷଧୀୟ ଗଛ ରହିଥିଲା ଖଣ୍ଡଗିରି ପାହାଡ଼ରେ । ପ୍ରତ୍ୟେକ ଗଛର ଔଷଧୀୟ ଗୁଣ ରହିଛି । ଗଛର ଚେର, ଫଳ, ଫୁଲ, ପତ୍ର, ଡାଳ ସବୁ କିଛି ସମାଜ ପାଇଁ ଉତ୍ସର୍ଗୀକୃତ । ଗଛ କିଛି ମାଗେ ନାହିଁ, ବିଷ ପିଇ ଅମ୍ଳଜାନ ପ୍ରଦାନ କରେ । କିନ୍ତୁ ମଣିଷ ବର୍ଷ ବର୍ଷ ଧରି ଗଛ କାଟି ଚାଲିଛି । ଫଳରେ ଖଣ୍ଡଗିରି ପରି ଐତିହାସିକ ପାହାଡ଼ ନଣ୍ଡା ହେବାରେ ଲାଗିଛି । ତେଣୁ ଗଛ ଲଗାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ । ଆଗାମୀ ପିଢ଼ି ପାଇଁ ଆମକୁ ଗଛ ଲଗାଇବାକୁ ପଡ଼ିବ । ସେଥିପାଇଁ ଆମେ ଗତବର୍ଷଠାରୁ ଖଣ୍ଡଗିରିରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରିଆସୁଛି ।"

ଖଣ୍ଡଗିରି-ଉଦୟଗିରି ପାହାଡ଼ର ମୂଲ୍ୟବାନ ଗଛଲତାର ସୁରକ୍ଷା କରିବା ଆବଶ୍ୟକତା ରହିଛି । ଫଳରେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ ପ୍ରାକୃତିକ ଜଙ୍ଗଲ ନଷ୍ଟ ହେବାରୁ ରକ୍ଷା ପାଇପାରନ୍ତା । ଖଣ୍ଡଗିରି-ଉଦୟଗିରିର ଜୈବ ବିବିଧତା ବଜାୟ ରଖିବା ସମସ୍ତଙ୍କର ଦାୟିତ୍ୱ ଅଟେ ।



# ଖଣ୍ଡଗିରି ଓ ଉଦୟଗିରିର ପୁଣ୍ୟ ପୀଠ



ପୀତବାସ ରାଉତରାୟ

**ଦୁଇ ହଜାର ବର୍ଷଠାରୁ ପୁରାତନ ଯୁଗଳ ପର୍ବତ ଖଣ୍ଡଗିରି ଓ ଉଦୟଗିରି ଉତ୍କଳର ଧନାଢ଼୍ୟ ଓ ଚମକପ୍ରଦ ଐତିହ୍ୟର ନୀରବ ସାକ୍ଷୀ । ଏହି ପାହାଡ଼ ଦୁଇଟି ନିଜର ଚୁମ୍ବକୀୟ ଶକ୍ତିବଳରେ କେତେ ସାଧୁ, ସନ୍ଥ ଓ ସନ୍ୟାସୀଙ୍କୁ ତାଙ୍କର ଗୁମ୍ଫାରେ ନୀରବ ସାଧନା କରିବାକୁ ପ୍ରଶୟ ଦେଇଛନ୍ତି । ଏହି ସିଦ୍ଧକ୍ଷେତ୍ରରେ ପ୍ରଥମେ ଜୈନ ମୁନିମାନେ ତପସ୍ୟାରତ ହୋଇଥିଲେ ଏବଂ କାଳକ୍ରମେ ହିନ୍ଦୁଧର୍ମର ସାଧକମାନେ ଏହାର ଗୁମ୍ଫାରେ ଆଧ୍ୟାତ୍ମିକ ସାଧନାରେ ସିଦ୍ଧିଲାଭ କରିଥିଲେ । ଦୀର୍ଘ ଦୁଇ ହଜାର ବର୍ଷ ଧରି କେତେ କେତେ ସାଧୁସନ୍ଥ କେବଳ ଧ୍ୟାନମଗ୍ନ ହୋଇ ଏହି ସ୍ଥାନ ପବିତ୍ର କରିନାହାନ୍ତି କାଳକ୍ରମେ ଏହି ଦୁଇ ପର୍ବତର ପାଦଦେଶରେ ବହୁ ମଠ, ଆଶ୍ରମ ଓ ମନ୍ଦିର ଗଢ଼ିଉଠି ଏହାର ପରିବେଶକୁ ଆଧ୍ୟାତ୍ମମୟ କରି ଗଢ଼ି ତୋଳିଛନ୍ତି ।**

## ଖଣ୍ଡଗିରିର ଜୈନ ମନ୍ଦିର ଓ ମା’ ବାରଭୂଜା ମନ୍ଦିର



ଖଣ୍ଡଗିରିର ଶୀର୍ଷରେ ରହିଛନ୍ତି ଋଷଭନାଥ, ପାର୍ଶ୍ୱନାଥ ଓ ମହାବୀର ଜୈନ ଓ ପାଦଦେଶରେ ରହିଛନ୍ତି ଶ୍ରୀଦିଗମ୍ବର ଜୈନଙ୍କର ମୂର୍ତ୍ତି ଯାହା ଶ୍ରୀଦିଗମ୍ବର ଜୈନ ସିଦ୍ଧକ୍ଷେତ୍ରରେ ପୂଜା ପାଉଛନ୍ତି । ଜୈନ ସମ୍ପ୍ରଦାୟର ସମ୍ରାଟ ଖାରବେଳଙ୍କ ସମୟରେ ନିର୍ମିତ ଏହି ପର୍ବତର ଶୀର୍ଷରେ ଓ ପାଦଦେଶରେ ଜୈନଗୁରୁଙ୍କର ମୂର୍ତ୍ତି ଏବେ ମଧ୍ୟ ଜୈନଧର୍ମର ସ୍ମୃତି ବହନ କରିଅଛି ।



ଖଣ୍ଡଗିରି ହିନ୍ଦୁ ଦେବୀ ମା’ ବାରଭୂଜା ବଡ଼ ପ୍ରତ୍ୟକ୍ଷ ଦେବୀ ବୋଲି ଏହି ଖଣ୍ଡମଣ୍ଡଳରେ ବିଖ୍ୟାତ । ପିଲାମାନଙ୍କର ମଙ୍ଗଳ ପାଇଁ ତଥା ମାନସିକ ପୂରଣ ପାଇଁ ଏଠାରେ ଯାଉଁଳି ନଡ଼ିଆ ଯାଚିଥାଆନ୍ତି । ଏଠାରେ ଜଗନ୍ନାଥଙ୍କ ପୂଜା ମଧ୍ୟ କରନ୍ତି । ବାରଭୂଜାଙ୍କ ଗୁମ୍ଫା ଜୈନ ଶାସ୍ତ୍ରର ସବୁ ତୀର୍ଥଙ୍କର ଓ ଶାସନ ଦେବୀଙ୍କର ଚିତ୍ର ବହନ କରିଛି । ଏହି ଗୁମ୍ଫାର ଦ୍ୱାରଦେଶରେ ବାମରେ ଚକ୍ରେଶ୍ୱରୀ ଓ ଡାହାଣ ପାଖରେ ରୋହିଣୀ ମୂର୍ତ୍ତି ରହିଥିବାରୁ ଏହି ଗୁମ୍ଫାରେ ମାତୃଶକ୍ତିର ଉଦ୍ଭବ ଘଟିଛି । ଏହା ବ୍ୟତୀତ ଖଣ୍ଡଗିରି ମେଳା ସମୟରେ ପାଖ ଜାଗମରା ଗ୍ରାମରୁ ଅନନ୍ତ କେଶରୀଙ୍କୁ ସୁସଜ୍ଜିତ ବିମାନରେ ଭକ୍ତମାନେ ଆଣି ଉଦୟଗିରିରେ ଅବସ୍ଥାପିତ କରିଥାନ୍ତି । ପ୍ରବାଦ ଅଛି ଯେ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ କୁଷ୍ଠରୋଗରୁ ମୁକ୍ତି ପାଇଁ ମାଘ ସପ୍ତମୀରେ ଚନ୍ଦ୍ରଭାଗାରେ ବୁଡ଼ ପକାଇ ଖଣ୍ଡଗିରିରେ ଆସି ପୂଜାର୍ଚ୍ଚନା କରି ଆରୋଗ୍ୟ ଲାଭ କରିଥିଲେ । ସେଥିପାଇଁ ମାଘ ସପ୍ତମୀଠାରୁ ଖଣ୍ଡଗିରି ମେଳାରେ ବହୁ ସାଧୁ, ସନ୍ଥ ଓ ସନ୍ନ୍ୟାସୀ ଏଠାରେ ପଦାର୍ପଣ କରନ୍ତି ଓ ଯଜ୍ଞ ଓ ମନ୍ତ୍ର ପଠନରେ ଏହି ଅଞ୍ଚଳ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରେ ।

## କୋଳଥିଆରେ ଶ୍ରୀଜଗନ୍ନାଥ ମନ୍ଦିର

ଖଣ୍ଡଗିରିଠାରୁ ଅନତି ଦୂରରେ ଜାଗମରାର ଧର୍ମବିହାରରେ ଶ୍ରୀମନ୍ଦିର ପୁରୀ ଢାଞ୍ଚାରେ ଏକ ଜଗନ୍ନାଥ ମନ୍ଦିର ଓ ପାର୍ଶ୍ୱ ଦେବଦେବୀ ମନ୍ଦିର ରହିଅଛି । ଖଣ୍ଡଗିରି ଗୁମ୍ଫାଠାରୁ ଅତି ନିକଟରେ ଅବସ୍ଥିତ କୋଳଥିଆ ଶ୍ରୀଜଗନ୍ନାଥ ମନ୍ଦିର ।

ଦିବ୍ୟଜୀବନ ସଂଘ ଦ୍ୱାରା ପରିଚାଳିତ ଶିବାନନ୍ଦ ଶତବାର୍ଷିକ ବାଳକ ଉଚ୍ଚବିଦ୍ୟାଳୟ ସଂଲଗ୍ନ କୋଳଥିଆ ଛକରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା କାହାଣୀ ବଡ଼ ଅଲୌକିକ । ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ଏହି ଘଟଣାର ବର୍ଣ୍ଣନା କରି କହିଛନ୍ତି ଯେ ୧୯ ୯୮ ମସିହା ଡିସେମ୍ବର ମାସରେ ତିନିଦିନ ଧରି ଦିବ୍ୟ ଜୀବନ ସଂଘର ୩୮ ତମ ସମ୍ମେଳନ ଅନୁଷ୍ଠିତ ହୋଇଥିଲା । ପୂଜ୍ୟ ଗଜପତି ମହାରାଜଙ୍କ ପରାମର୍ଶ କ୍ରମେ ପୁରୀର ସନ୍‌କ୍ରାଫଟ୍ ବିକ୍ରୟ କେନ୍ଦ୍ରରୁ ଚାରିଫୁଟ ଉଚ୍ଚ ବିଶିଷ୍ଟ ଚତୁର୍ଦ୍ଧାମୂର୍ତ୍ତି ଏହି ସମ୍ମେଳନ ପାଇଁ ଅଣାଯାଇଥିଲେ ଓ ଶେଷଦିନ ରାତିରେ ଯଥାବିଧି ଫେରାଇ ଦିଆଯାଇଥିଲେ । ତା’ପରଦିନ ସକାଳେ ସମ୍ମେଳନର ସାଙ୍ଗଠନିକ ସମ୍ପାଦକ ଓ ମୁଖ୍ୟ ଉଦ୍ୟୋକ୍ତା ଶ୍ରୀ ଭାଗୀରଥୀ ମହାପାତ୍ର (ଯେ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ନାମରେ ପରିଚିତ) ପୂଜା ସମୟରେ ଶ୍ରୀଜଗନ୍ନାଥାଷ୍ଟକ ପାଠ କରିବା ସମୟରେ ଦିବ୍ୟ ଆଭାସ ପାଇଲେ “ମୋତେ ରଖିପାରିଲୁନି, ଫେରାଇ ଦେଲୁ, ତୋର କ’ଣ ଟଙ୍କା ନାହିଁ?” ସଙ୍ଗେ ସଙ୍ଗେ ଏ ଖବର ପାଇ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ପୁରୀ ସନ୍‌କ୍ରାଫ୍‌ଟକୁ ଫୋନ୍ କରି ଏହି ମୂର୍ତ୍ତି ୨୫,୦୦୦ ଟଙ୍କାରେ ମିଳିଯିବ ବୋଲି ଆଶ୍ୱାସନା ପାଇ ସେଠାରେ ପହଞ୍ଚି ଶୁଣିଲେ ଯେ, ଏହି ଚତୁର୍ଦ୍ଧା ମୂର୍ତ୍ତି ବିଦେଶରେ ଫିଲ୍‌ଡେଲଫିଆ ମନ୍ଦିରକୁ ଯିବା ପାଇଁ ନିର୍ମିତ ହୋଇଥିଲେ ମାତ୍ର ସେଠାରେ ନିର୍ମିତ ସିଂହାସନ ଛୋଟ ଥିବାରୁ ଯିବା ବନ୍ଦ ହୋଇଗଲା । ସତେ ଯେମିତି ମହାପ୍ରଭୁଙ୍କ ଖଣ୍ଡଗିରିରେ ଲୀଳା କରିବାର ଥିଲା । ପୁରୀ ସନ୍‌କ୍ରାଫ୍ଟରେ ଟଙ୍କା ଦେଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଭୁବନେଶ୍ୱର ଆଣିବା ଆଗରୁ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବାକୁ ପ୍ରସ୍ତୁତ ହେବା ସମୟରେ ଆଭାସ ପାଇଲେ ମୁଁ





ପରା ଏଇଠି ଅଛି । ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ଆଉ ଶ୍ରୀମନ୍ଦିର ନ ଯାଇ ସିଧା ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଶିବାନନ୍ଦ ଶତବାର୍ଷିକ ବାଳକ ଉଚ୍ଚବିଦ୍ୟାଳୟ ପରିସରକୁ ଆଣି ପୂଜାର୍ଚ୍ଚନା ଆରମ୍ଭ କଲେ ଓ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ସ୍କୁଲ ସଂଲଗ୍ନ କୋଳଥିଆ ଛକରେ ମନ୍ଦିର ନିର୍ମାଣ ପାଇଁ ଚେଷ୍ଟା ଆରମ୍ଭ କଲେ । ଅତି ଆଶ୍ଚର୍ଯ୍ୟଜନକ ଭାବରେ ସ୍ଥାନୀୟ ଲୋକଙ୍କ ଆର୍ଥିକ ସାହାଯ୍ୟରେ ସେଠାରେ ଏକ ଭବ୍ୟମନ୍ଦିର ୨୦୦୧ ମସିହା ପବିତ୍ର ଦୋଳପୂର୍ଣ୍ଣିମା ତିଥିରେ ଆରମ୍ଭ ହୋଇ ୧୦୭ ଦିନ ମଧ୍ୟରେ ସମାପ୍ତ ହୋଇଥିଲା ଓ ୨୦୦୧ ମସିହା ପବିତ୍ର ଗୁଣ୍ଡିଚା ତିଥିରେ ଚତୁର୍ଦ୍ଧା ମୂର୍ତ୍ତି ରତ୍ନସିଂହାସନରେ ବିଜେ ହେଲେ । ଗଜପତି ମହାରାଜା ମନ୍ଦିର ପରିଦର୍ଶନରେ ଆସି ଏଠାରେ ରଥଯାତ୍ରା କରିବାକୁ ସୂଚନା ଦେବାପରେ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ଗୁଣ୍ଡିଚା ମନ୍ଦିର କେଉଁଠାରେ ହେବ, ସେଥିପାଇଁ ସ୍ଥାନ ନିରୂପଣ କରିବା ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରି ଖଣ୍ଡଗିରି ଗୁମ୍ଫାଆଡ଼କୁ ଉତ୍ତରାଭିମୁଖୀହୋଇ ଯିବା ରାସ୍ତାରେ ପାଦରେ ଚାଲିଚାଲି ଯାଇ ଗୋଟିଏ ସ୍ଥାନରେ ପାଦ ସ୍ଥିର ହୋଇ ରହିଗଲା ଓ ପାଦ ଆଗକୁ ଚଳିଲା ନାହିଁ । ସେହି ସ୍ଥାନ ଗୁଣ୍ଡିଚା ମନ୍ଦିର ହୋଇ ପ୍ରତିବର୍ଷ ନବଦିନ ଯାତ୍ରା ହେଉଅଛି । ଏହି ମନ୍ଦିରକୁ ନେଇ ବହୁ ଅଲୌକିକ ଘଟଣା ଘଟି ଚାଲିଛି ଓ ବଡ଼ ଶୃଙ୍ଖଳିତ ଭାବେ ପୂଜାର୍ଚ୍ଚନା ହୋଇ ରଥଯାତ୍ରା ମହାସମାରୋହରେ ହେଉ ଅଛି । ଗତ ତିନିବର୍ଷ ଧରି ଭୁବନେଶ୍ୱରର ସବୁଠାରୁ ଶୃଙ୍ଖଳିତ ଓ ଆକର୍ଷଣୀୟ ରଥଯାତ୍ରା ଭାବେ ଏହି ମନ୍ଦିର କର୍ତ୍ତୃପକ୍ଷ ପ୍ରଥମ ପୁରସ୍କାର ଟାଇମ୍‌ସ ଗ୍ରୁପଠାରୁ ପାଇ ଆସିଛନ୍ତି ।

# ଖଣ୍ଡଗିରି-ଉଦୟଗିରିର ଆଶ୍ରମ ଓ ମଠ

କେବଳ ମନ୍ଦିର ନୁହେଁ, ଖଣ୍ଡଗିରି-ଉଦୟଗିରିର ଆଖପାଖରେ ଅନେକ ଆଶ୍ରମ ଓ ମଠ ରହିଛି । ସେଥିମଧ୍ୟରୁ କେତେକ ଆଶ୍ରମ ଓ ମଠ ସଂପର୍କରେ ଆଲୋଚନା କରିବା ।



## ପାଦୁକା ଆଶ୍ରମ

ଖଣ୍ଡଗିରିର ପାଦଦେଶରେ ପ୍ରତିଷ୍ଠିତ ପାଦୁକା ଆଶ୍ରମ ୫୦୦ ବର୍ଷର ପୁରୁଣା ଆଶ୍ରମ । ଏହି ଆଶ୍ରମରେ ଶ୍ରୀପତିତପାବନ, ମହାଲକ୍ଷ୍ମୀ, ଦକ୍ଷିଣକାଳୀ ଓ ପଞ୍ଚଲିଙ୍ଗେଶ୍ୱରଙ୍କର ପୂଜା ହୁଏ । ବାବା ଅରକ୍ଷିତ ଦାସଙ୍କର ପାଦୁକା ଏହି ଆଶ୍ରମରେ ମଧ୍ୟ ପୂଜା ହେଉଅଛି ।

ଅଖଣ୍ଡଧୂନୀରେ ଆଶ୍ରମର ପରିବେଶକୁ ଦେଖିବାକୁ ବହୁ ଯାତ୍ରୀ ସମାଗମ ହୁଏ । ମାଘ ସପ୍ତମୀରେ ବଡ଼ଧରଣର ମେଳା ହୁଏ, ଅରକ୍ଷିତ ଦାସଙ୍କ ଜନ୍ମୋତ୍ସବ ଅନନ୍ତ ବ୍ରତ ସମୟରେ ଓ ଉଦ୍ଧବ ଦାସଙ୍କ ଜନ୍ମୋତ୍ସବ ମାର୍ଗଶୀର କୃଷ୍ଣ ତ୍ରୟୋଦଶୀରେ ମହାସମାରୋହରେ ପାଳିତ ହୁଏ ।




## ଦୁର୍ଗମାଧବ ସେବାଶ୍ରମ (ଟ୍ରଷ୍ଟ)

ଦୁର୍ଗାମାଧବ ସେବାଶ୍ରମରେ ଦୁର୍ଗାମାଧବ, ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ, ମା' ଦୁର୍ଗା, ରାଧାକୃଷ୍ଣ, ପଞ୍ଚମୁଖୀ ହନୁମାନଙ୍କ ସମେତ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା'ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ପୂଜା ମନ୍ଦିର ରହିଅଛି । ପ୍ରତିବର୍ଷ ଶିବରାତ୍ରୀ, ଶୀତଳଷଷ୍ଠୀ, ଦଶହରା ସମୟରେ ନବରାତ୍ର ଓ ବାସନ୍ତୀକ ନବରାତ୍ର ପାଳନ କରାଯାଏ ।





## ମହିମା ଅଲେଖ ଆଶ୍ରମ

୧୯୫୮ ମସିହାରୁ ଆରମ୍ଭ ହୋଇଥିବା ଏହି ଆଶ୍ରମ ମହିମା ଆଶ୍ରମର ମୂଳ ପୀଠ ଯୋରନ୍ଦାର ଶାଖା ଯାହା ବ୍ରହ୍ମ ଅବଧୂତ ଜୟକୃଷ୍ଣ ବାବାଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଅଛି । ପ୍ରତ୍ୟେକ ମାସ ଶୁକ୍ଳ ଚତୁର୍ଦ୍ଦଶୀରେ ମାଟିପଲମରେ ସାଧୁସନ୍ଥଙ୍କ ଗହଣରେ ଅଖଣ୍ଡବତୀ ପ୍ରଜ୍ୱଳନ କରାଯାଇ ପୂଜାର୍ଚ୍ଚନା କରାଯାଏ । ଏହି ଜ୍ୟୋତି ଚତୁର୍ଦ୍ଦଶୀରେ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଜଳାଯାଏ । କାର୍ତ୍ତିକ ମାସରେ ବଡ଼ ଧରଣର ପୂଜାର୍ଚ୍ଚନା କରାଯାଏ । ଏହି ଆଶ୍ରମରେ ଜ୍ୟୋତି ମନ୍ଦିରରେ ଅଖଣ୍ଡ ଜ୍ୟୋତି ଜଳୁଥାଏ । ଜୟକୃଷ୍ଣ ବାବାଙ୍କ ସମାଧି ପୀଠ ଏହି ଆଶ୍ରମରେ ରହିଛି ।

## ଶ୍ରୀ ଅଭିରାମ ଶାନ୍ତି ଆଶ୍ରମ

ଜଗତ୍‌ଗୁରୁ ଅଭିରାମ ପରମହଂସଙ୍କ ଆଶ୍ରମ । ଏଠାରେ ଆଧ୍ୟାତ୍ମିକ ବିକାଶ, ନୈତିକ ମୂଲ୍ୟବୋଧ, ଗୋଷ୍ଠୀ ଉନ୍ନୟନ ତଥା ଧ୍ୟାନ ଉପରେ ପ୍ରାଧାନ୍ୟ ଦିଆଯାଇ ଶିକ୍ଷା ଦିଆଯାଏ ।




## ଶ୍ରୀ ଶ୍ରୀ ଅନନ୍ତ ମାଧବ ସୁଧର୍ମା ମହାସଂଘ

ଯାଜପୁର ଜିଲ୍ଲାର ବାହାଦଲପୁରେ ମୁଖ୍ୟ ଆଶ୍ରମ ଓ ଖଣ୍ଡଗିରି ପାଦଦେଶରେ ଏକ ଶାଖା ଆଶ୍ରମ ରହିଛି । ଏହି ଆଶ୍ରମରେ ମହାମହେଶ୍ୱର ଓ ରାଧାମାଧବ ପୂଜା ପାଉଛନ୍ତି । ଗୁରୁ ମାଧବଙ୍କର ମଧ୍ୟ ପୂଜା ହୁଏ । ଏଇ ଆଶ୍ରମରେ ରାସମଣ୍ଡପରେ ସକାଳେ ସନ୍ଧ୍ୟାରେ ସତ୍‌ସଙ୍ଗ୍ ହୁଏ । ନୀଳାଦ୍ରି ମଣ୍ଡପରେ ମଧ୍ୟ ପୂଜା ହୁଏ । କାର୍ତ୍ତିକ ମାସରେ ବହୁ ଆଡ଼ମ୍ବରରେ ପୂଜା ହୁଏ ।




## ସନ୍ଥ ଶ୍ରୀ ଆଶାରାମ ବାପୁ ଆଶ୍ରମ

ସନ୍ଥ ଶ୍ରୀ ଆଶାରାମ ବାପୁ ଆଶ୍ରମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ଯୋଗରେ ଭକ୍ତିଯୋଗ, ଜ୍ଞାନଯୋଗ ଓ ନିଷ୍କାମ କର୍ମଯୋଗ ତଥା ତୁଳସୀ ପୂଜା ତଥା ସାମାଜିକ ଉତ୍‌ଥାନ ପାଇଁ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ କାର୍ଯ୍ୟକ୍ରମ କରାଯାଏ ।



ସେହିପରି ଖଣ୍ଡଗିରି ଓ ଉଦୟଗିରି ପାଦଦେଶରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶ୍ରୀଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ସାଧନା ମନ୍ଦିର, ବାବା ମଧୁସୂଦନ ଆଶ୍ରମ, କଲ୍‌କୀ ଆଶ୍ରମ, ବାରଭୂଜା ଆଶ୍ରମ ଆଦି ବହୁ ଆଶ୍ରମ, ମଠ ଓ ମନ୍ଦିର ଗହଣରେ ଏହି ଅଞ୍ଚଳ ଏକ ଆଧ୍ୟାତ୍ମିକ କେନ୍ଦ୍ର ରୂପେ ଭୁବନେଶ୍ୱରର ଏକ ମୁଖ୍ୟ ଆକର୍ଷଣୀୟ କେନ୍ଦ୍ରବିନ୍ଦୁ ଭାବେ ଖ୍ୟାତି ଲାଭ କରିଅଛି । ■

ମୋ: ୯୪୩୭୫୭୪୬୪୯



# ଖଣ୍ଡଗିରି-ଉଦୟଗିରିର

# ପଞ୍ଚତୀର୍ଥ

**ଆଜିଠାରୁ ଆରମ୍ଭ ହେଉଛି ଏକାମ୍ର କ୍ଷେତ୍ରରେ ପ୍ରସିଦ୍ଧ କୁମ୍ଭମେଳା । ସାଧୁସନ୍ଥମାନଙ୍କ ଉପସ୍ଥିତି ଏବଂ ଶ୍ରଦ୍ଧାଳୁଙ୍କ ଆଗମନରେ ଖଣ୍ଡଗିରି ଚଳଚଞ୍ଚଳ ହୋଇ ଉଠିଛି । ଘଣ୍ଟଘଣ୍ଟା ତଥା ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହେବ ଖଣ୍ଡଗିରି । ସୃଷ୍ଟି ହେବ ଆଧ୍ୟାତ୍ମିକ ପରିବେଶ । ତେବେ ବିଭିନ୍ନ ସମୟରେ ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ଐତିହ୍ୟ ସମ୍ପନ୍ନ ଖଣ୍ଡିଗିରି-ଉଦୟଗିରିରେ ରହିଛି ପାଞ୍ଚଗୋଟି ଐତିହାସିକ କୁଣ୍ଡ । ଯାହାକୁ 'ପଞ୍ଚତୀର୍ଥ କୁଣ୍ଡ' ବୋଲି କୁହାଯାଏ । ଏହା ଲୋକଙ୍କ ନଜର ଆଢୁଆଳରେ ରହିଥିଲେ ହେଁ, ଉକ୍ତ ଐତିହ୍ୟ କୁଣ୍ଡ ସହିତ ଅନେକ ଇତିହାସ, ଲୋକକଥା ଏବଂ କିମ୍ବଦନ୍ତୀ ଯୋଡ଼ି ହୋଇ ରହିଛି । ଏହି ପଞ୍ଚତୀର୍ଥ କ'ଣ ଓ ଏହାର ସ୍ଥିତିକୁ ନେଇ ଏହି ବିଶେଷ ଉପସ୍ଥାପନା ।**

ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ଅବସ୍ଥିତ ପଞ୍ଚ କୁଣ୍ଡ । ଏହି ପାଞ୍ଚଟି କୁଣ୍ଡ ହେଉଛି 'ଗୁପ୍ତଗଙ୍ଗା', 'ଆକାଶଗଙ୍ଗା', 'ରାଧାକୁଣ୍ଡ', 'ଶ୍ୟାମକୁଣ୍ଡ' ଏବଂ 'ଲଳିତ କୁଣ୍ଡ' । ତେବେ ଖଣ୍ଡଗିରି ଉପରେ 'ଗୁପ୍ତଗଙ୍ଗା', 'ଆକାଶଗଙ୍ଗା', 'ରାଧାକୁଣ୍ଡ' ଏବଂ 'ଶ୍ୟାମକୁଣ୍ଡ' ଥିବା ବେଳେ 'ଲଳିତ କୁଣ୍ଡ' ଉଦୟଗିରିରେ ରହିଛି । ଏଠାରେ ପଞ୍ଚକୁଣ୍ଡ ଥିବାରୁ ଏହାକୁ ପଞ୍ଚତୀର୍ଥ ଭାବେ ବିବେଚନା କରାଯାଇଛି । କୁହାଯାଏ, ପୂର୍ବରୁ ଖଣ୍ଡଗିରି ଏବଂ ଉଦୟଗିରିରେ ତପସ୍ୟା କରୁଥିବା ମୁନିଋଷିମାନେ ଏହି କୁଣ୍ଡରେ ସ୍ନାନ କରୁଥିଲେ ।

## ତ୍ରିବେଣୀ ସଙ୍ଗମ ସ୍ନାନର ପୁଣ୍ୟ ସମାନ

ଖଣ୍ଡଗିରି କୁମ୍ଭମେଳାରେ ବୁଡ଼ ପକାଇଲେ ତ୍ରିବେଣୀ ସଙ୍ଗମ ସ୍ନାନର ପୁଣ୍ୟ ସହିତ ସମାନ ବୋଲି ବିଶ୍ୱାସ କରାଯାଏ । ସେହିପରି ଏହି କୁଣ୍ଡରେ ବୁଡ଼ ପକାଇଲେ ଅନେକ ରୋଗ ଶୋକରୁ ମୁକ୍ତି ମିଳେ । ତା'ସହ ମୋକ୍ଷ ମଧ୍ୟ ପ୍ରାପ୍ତି ହୁଏ । କୁହାଯାଏ, ପୂର୍ବରୁ ଖଣ୍ଡଗିରି ଏବଂ ଉଦୟଗିରିରେ ତପସ୍ୟା କରୁଥିବା ମୁନିଋଷିମାନେ ଏହି କୁଣ୍ଡରେ ସ୍ନାନ କରୁଥିଲେ । ପୂଜା ଲାଗି ଏହାର ଜଳକୁ ବ୍ୟବହାର କରୁଥିଲେ । ଅବଶ୍ୟ ବର୍ତ୍ତମାନ କୁଣ୍ଡର ଜଳ ସ୍ନାନ ଯୋଗ୍ୟ ନୁହେଁ ।

## ଲଳିତ କୁଣ୍ଡରେ ଚାପ ଖେଳ

ଲଳିତ କୁଣ୍ଡକୁ ନେଇ ଏକଦା ଏକ ବିଧି ବି ପ୍ରଚଳିତ ଥିଲା । ସେ ପୁଣି ମାଘ ସପ୍ତମୀରେ । ମାଘ ସପ୍ତମୀ ରାତିରେ ପ୍ରଭୁ ଅନନ୍ତ କେଶରୀ ରାଣୀ ଗୁମ୍ଫାରେ କିଛି ସମୟ ଅବସ୍ଥାନ କରୁଥିଲେ । ଏହି ସମୟରେ ଚାପ ଖେଳର ବିଧି ଥିଲା । ତେବେ କୁଣ୍ଡର ମଇଳା ଜଳ ଓ ରାସ୍ତା ଅସୁବିଧା ହେତୁ ଏହି ବିଧି ଆଉ ପାଳିତ ହେଉ ନାହିଁ । ଫଳରେ ସବୁଦିନ ପାଇଁ ଏହା ବନ୍ଦ ହୋଇଯାଇଛି ।





## ଅବହେଳିତ ପଞ୍ଚତୀର୍ଥ

ବର୍ତ୍ତମାନ ପଞ୍ଚତୀର୍ଥ ଅବହେଳିତ ଅବସ୍ଥାରେ ରହିଛି । କିମ୍ବଦନ୍ତୀ ଅନୁସାରେ, କଳିଙ୍ଗ ସମ୍ରାଟ ମହାମେଘବାହନ ଐର ଖାରବେଳଙ୍କ ଦ୍ୱାରା ଏହି ସବୁ କୁଣ୍ଡ ଖନନ କରାଯାଇଥିଲା । ଏଠାରେ ଯୋଗ ସାଧନା କରୁଥିବା ମୁନିଋଷିଙ୍କ ବ୍ୟବହାର ଲାଗି ସମ୍ରାଟ ଏହି ସବୁ କୁଣ୍ଡ ଖନନ କରିଥିଲେ । ଏବେ ପଞ୍ଚତୀର୍ଥ ପୁଷ୍କରିଣୀ ଅଛି, ହେଲେ ଏହାର ପୂର୍ବ ଗୌରବ ନାହିଁ । ଗୁପ୍ତଗଙ୍ଗା ଏବଂ ଆକାଶଗଙ୍ଗା ଏକପ୍ରକାର ଅଲୋଡ଼ା ହୋଇ ପଡ଼ିଛି । ଅନ୍ୟପଟେ ଏହି କୁଣ୍ଡ ଏବେ ବ୍ୟବହାର ଉପଯୋଗୀ ନୁହେଁ । କିନ୍ତୁ ଏହା ଐତିହାସିକ ମୂକସାକ୍ଷୀ ହୋଇ ରହିଛି ।




## ପୁନରୁଦ୍ଧାର ପାଇଁ ଦାବି

ଆକାଶଗଙ୍ଗା ଏବଂ ଗୁପ୍ତଗଙ୍ଗା ଦ୍ୱୟ ପ୍ରାକୃତିକ ସୁଡ଼ଙ୍ଗ । ଯାହା ସମ୍ପୂର୍ଣ୍ଣ ଭାବେ ଅବହେଳିତ । ଗୁପ୍ତଗଙ୍ଗାରେ ପାଣି ନାହିଁ କିମ୍ବା ଏହି ସ୍ଥାନକୁ ଯିବା ପାଇଁ କୌଣସି ରାସ୍ତାର ସୁବିଧା ମଧ୍ୟ ନାହିଁ । ଅନ୍ୟ ୩ଟି ରାଧାକୁଣ୍ଡ, ଶ୍ୟାମକୁଣ୍ଡ, ଲଳିତ କୁଣ୍ଡ ମଣିଷକୃତ ଜଳାଶୟ । ପ୍ରତିବର୍ଷ ରାଧାକୁଣ୍ଡରେ ସାଧୁସନ୍ଥ ସ୍ନାନ ଜଳ ଓ ତର୍ପଣ କରନ୍ତି । ଏକଦା ପାହାଡ଼ ଉପରେ ଥିବା ଏହି କୁଣ୍ଡର ପାଣି ଥିଲା ଅତ୍ୟନ୍ତ ନିର୍ମଳ । ଅବଶ୍ୟ ବର୍ତ୍ତମାନ ଏସବୁର ଉପଯୁକ୍ତ ଯତ୍ନ ଅଭାବରୁ ପ୍ରଦୂଷିତ ହୋଇ ପଡ଼ି ରହିଛି । ବର୍ଷ ବର୍ଷ ଧରି ଏହାକୁ ପରିଷ୍କାର କରାଯାଉ ନାହିଁ । କେବଳ ସେତିକି ନୁହେଁ, କୁଣ୍ଡ ଓ ଗୁମ୍ଫା ଭାଙ୍ଗିବାକୁ ବସିଥିବା ବେଳେ ବ୍ୟାରିକେଡ୍ ନଷ୍ଟ ହୋଇଗଲାଣି । ତେବେ ପର୍ଯ୍ୟଟକ ଏହି ସ୍ଥାନକୁ ଯେଭଳି ବିନା ବାଧାରେ ଯାଇପାରିବେ ରାସ୍ତା ତିଆରି କାମ ଚାଲିଛି । ଏହାସହ ପାଣି ନିଷ୍କାସନ କରାଯାଇ ଏହାର ପୁନରୁଦ୍ଧାର ପାଇଁ ଭୁବନେଶ୍ୱର ମହାନଗର ନିଗମଠାରୁ ଆରମ୍ଭ କରି ଏଏସ୍ଆଇ ପର୍ଯ୍ୟନ୍ତ ଦାବି କରାଯାଇଛି । ଅନ୍ୟପକ୍ଷରେ ଏହାର ଉଚିତ ରକ୍ଷଣାବେକ୍ଷଣା କରାଗଲେ, ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିପାରନ୍ତା ବୋଲି କୁହାଯାଉଛି । ■

# ଆକର୍ଷଣୀୟ ପର୍ଯ୍ୟଟନ ପୀଠ





ରଶ୍ମି ସାମଲ

ଓଡ଼ିଶାର ନିଘଞ୍ଚ ସବୁଜ ଶ୍ରୀମଣ୍ଡିତ ଅରଣ୍ୟ ମନରେ ବିସ୍ମୟ ସୃଷ୍ଟି କରେ । ପାହାଡ଼, ପର୍ବତ, ତରୁଲତା ବେଷ୍ଟିତ ଅରଣ୍ୟର ଶୋଭା ସନ୍ଦର୍ଶନ କରି ସମସ୍ତ ଜାଗତିକ ଜଞ୍ଜାଳ କ୍ଷଣିକ ପାଇଁ ଭୁଲି ମନୁଷ୍ୟ ଅତୀନ୍ଦ୍ରିୟ ରାଜ୍ୟରେ ବିଚରଣ କରେ । ଏସବୁ ଦୃଷ୍ଟିରୁ ବିଚାର କଲେ ଓଡ଼ିଶା ଏଭଳି ଏକ ରାଜ୍ୟ, ଯେଉଁ ରାଜ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ପୁରାତନ ଐତିହ୍ୟ, ଧାର୍ମିକ, ପରମ୍ପରା ଓ ସାଂସ୍କୃତିକ ବିଭିନ୍ନତାର ଏକ ନିଚ୍ଛକ ସମ୍ମିଶ୍ରଣ ଦେଖିବାକୁ ମିଳେ । ସେଭଳି ପ୍ରାକୃତିକ ପରିବେଶରେ ଥିବା ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ମଧ୍ୟରେ ଖଣ୍ଡଗିରି-ଉଦୟଗିରି ଅନ୍ୟତମ । ଖଣ୍ଡଗିରି ଓ ଉଦୟଗିରିର ସୌନ୍ଦର୍ଯ୍ୟ, ପ୍ରାଚୀନ ଗୁମ୍ଫା ଦେଶବିଦେଶର ପର୍ଯ୍ୟଟକମାନଙ୍କୁ ସର୍ବଦା ଆକର୍ଷିତ କରିଆସିଛି ।

## ଆକର୍ଷଣର କେନ୍ଦ୍ର ପ୍ରାଚୀନ ଗୁମ୍ଫା

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ପଶ୍ଚିମ ଦିଗରେ ଅବସ୍ଥିତ ଖଣ୍ଡଗିରି-ଉଦୟଗିରି ପର୍ଯ୍ୟଟନ ସ୍ଥଳୀ । ଖଣ୍ଡଗିରି ଓ ଉଦୟଗିରିର ଐତିହାସିକ ପୃଷ୍ଠଭୂମି ଖୁବ୍ ଗୌରବମୟ। କଳିଙ୍ଗର ମହାନ ରାଜା ଖାରବେଳଙ୍କ ଶାସନ କାଳରେ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ପ୍ରାୟ ଚାଳିଶ ଗୋଟି ଗୁମ୍ଫା ଖୋଦିତ ହୋଇଥିଲା । ଯେଉଁଠାରେ ଜୈନ ସନ୍ୟାସୀମାନେ ବାସ କରିବା ସହ ଧ୍ୟାନ, ସାଧନା ଓ ଧାର୍ମିକ କାର୍ଯ୍ୟ ସଂପାଦନା କରୁଥିଲେ। ପଥରକୁ କାଟି ଏହି ଗୁମ୍ଫାଗୁଡ଼ିକ ନିର୍ମାଣ କରାଯାଇଅଛି । ଏହା ଭିତରେ ଥିବା ଶିଳାଲେଖ କଳିଙ୍ଗ ସଭ୍ୟତାର ସାକ୍ଷ୍ୟ ବହନ କରେ। ଐତିହାସିକ ଓ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ପାଇଁ ଏହା ଗବେଷଣାର କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଶ୍ୱାସ କରାଯାଏ ଯେ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଜୈନ ଧର୍ମର ପ୍ରତିଷ୍ଠାତା ମହାବୀର ଖଣ୍ଡଗିରି ଏବଂ ଉଦୟଗିରିକୁ ପରିଦର୍ଶନରେ ଆସିଥିଲେ । ଖ୍ରୀ. ପୂ. ୨ ୟ ଶତାବ୍ଦୀର ବହୁ ପୂର୍ବରୁ ପଣ୍ଡିତମାନେ ରାଣୀଗୁମ୍ଫା ଓ ହାତୀଗୁମ୍ଫାକୁ ଉଦୟଗିରିଠାରେ ଓଡ଼ିଶାର ସଂସ୍କୃତିକୁ ନୃତ୍ୟକଳା ମାଧ୍ୟମରେ ବର୍ଣ୍ଣନା କରାଇଥିଲେ । ସେମାନଙ୍କ ମତରେ ଉଦୟଗିରିର ଗୁମ୍ଫାଗୁଡ଼ିକ ଆଖଡ଼ା ଗୃହ ରୂପେ ପରିଚିତ ଥିଲା । ସମ୍ରାଟ ଖାରବେଳ ଏହି ସଂସ୍କୃତିର ପୃଷ୍ଠପୋଷକ ଭାବରେ ଅତ୍ୟନ୍ତ ବିଶ୍ୱସ୍ତ ଏବଂ ନିଷ୍ଠାବାନ ଥିଲେ। ଖଣ୍ଡଗିରି ଓ ଉଦୟଗିରି ପ୍ରାଚୀନ ଗୁମ୍ଫାଗୁଡ଼ିକ ଏବେ ଦେଶବିଦେଶର ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି ।

## ପବିତ୍ର ତୀର୍ଥ ସ୍ଥଳ

ଜୈନ ଧର୍ମର ପବିତ୍ର ସ୍ଥଳୀ ହେଉଛି ଖଣ୍ଡଗିରି-ଉଦୟଗିରି । ପ୍ରତିବର୍ଷ ବହୁ ଜୈନଧର୍ମାବଲମ୍ବୀମାନେ ଏଠାକୁ ତୀର୍ଥ ପାଇଁ ଆସନ୍ତି । ଖଣ୍ଡଗିରି ପାହାଡ଼ ଉପରେ ଥିବା ଜୈନ ଧର୍ମାବଲମ୍ବୀମାନଙ୍କ ମୂର୍ତ୍ତି ପର୍ଯ୍ୟଟକ ଓ ଭକ୍ତମାନଙ୍କୁ ଆକର୍ଷିତ କରେ । ପ୍ରତିବର୍ଷ ଖଣ୍ଡଗିରି ମେଳାରେ ବହୁ ଜନସାଧାରଣ ତଥା ସାଧୁସନ୍ଥଙ୍କର ସମାଗମ ହୋଇଥାଏ । ସାଧୁସନ୍ଥମାନଙ୍କ ତପସ୍ୟା ଓ ଆତ୍ମିକ ସାଧନା ପାଇଁ ପ୍ରସିଦ୍ଧ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ । ବିଶ୍ୱାସ କରାଯାଏ ଆଜି ମଧ୍ୟ ଅନେକ ସାଧୁସନ୍ୟାସୀ ପାହାଡ଼ର ନିଘଞ୍ଚ ଗୁମ୍ଫା ମଧ୍ୟରେ ଧ୍ୟାନ ମଗ୍ନ ଅଛନ୍ତି । ତପସ୍ୱୀମାନେ ହେଉଛନ୍ତି ଭଗବାନଙ୍କ ଅବତାର । ତେଣୁ ତପସ୍ୱୀ ଦର୍ଶନକୁ ଭଗବାନଙ୍କ ଦର୍ଶନ ବୋଲି ଧରି ନିଆଯାଏ । ଏହି ପାହାଡ଼ର ପାତାଳଗଙ୍ଗା, ଗୁପ୍ତଗଙ୍ଗା ଭଳି ବିଭିନ୍ନ ଜଳଉତ୍ସରେ ବୁଡ଼ ପକାଇବା, ଅର୍କକ୍ଷେତ୍ରରେ ବୁଡ଼ ପକାଇବା ସହ ସମାନ ବୋଲି ବିଶ୍ୱାସ କରାଯାଏ । ତେଣୁ ଏଠାରେ ସନ୍ଥମାନେ ସମ୍ମିଳିତ ହୁଅନ୍ତି । ସେମାନଙ୍କ ଦର୍ଶନ ତଥା ସାନ୍ନିଧ ଲାଭ କରିବା ଲକ୍ଷ୍ୟରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମେ ।

ଖଣ୍ଡଗିରି-ଉଦୟଗିରି ପାଦ ଦେଶରେ ସାଧୁସନ୍ଥମାନେ ପୂର୍ବେ ସିଦ୍ଧି ଲାଭ କରୁଥିଲେ । ବର୍ଷ ବର୍ଷ ଧରି ତପସ୍ୟାରେ କରୁଥିଲେ । ଏହି ସମୟରେ ସାଧୁସନ୍ଥମାନେ ମାଘ ସପ୍ତମୀରେ ବୁଡ଼ ପକାଇ ଖଣ୍ଡଗିରିରେ ସୂର୍ଯ୍ୟ ଦେବତାଙ୍କୁ ପ୍ରାତଃ ଦର୍ଶନ କରୁଥିଲେ । ସେହି ଅନୁଯାୟୀ ଶତାଧିକ ସାଧୁସନ୍ଥ ଖଣ୍ଡଗିରିରେ ସୂର୍ଯ୍ୟ ଦର୍ଶନ କରିଥାନ୍ତି । ମାଘ ସପ୍ତମୀରେ ଖଣ୍ଡଗିରି-ଉଦୟଗିରି ପାଦ ଦେଶରେ ହେଉଥିବା କୁମ୍ଭମେଳା, ଖଣ୍ଡଗିରି ମେଳା ନାମରେ ପରିଚିତ ।



## ମନୋରମ ଦୃଶ୍ୟ

ଖଣ୍ଡଗିରି – ଉଦୟଗିରିର ଶାନ୍ତ ସ୍ନିଗ୍ଧ ପାହାଡ଼ର ଶୀର୍ଷଦେଶରୁ ଭୁବନେଶ୍ୱରର ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ। ଖଣ୍ଡଗିରି ପର୍ଯ୍ୟଟନ ସ୍ଥଳୀ ରୂପେ ଓଡ଼ିଶାର ଅର୍ଥନୀତି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବହନ କରେ। ଦେଶବିଦେଶରୁ ପର୍ଯ୍ୟଟକମାନେ ଆସିବା ଦ୍ୱାରା ସ୍ଥାନୀୟ ଲୋକମାନେ ହୋଟେଲ, ବିଭିନ୍ନ ଦୋକାନ, ହସ୍ତଶିଳ୍ପ ଇତ୍ୟାଦି ବ୍ୟବସାୟରୁ ଭଲ ରୋଜଗାର କରିଥାନ୍ତି। ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍‌ବାରା ଖଣ୍ଡଗିରିର ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଇଛି । ଏଠାର ରାସ୍ତାଘାଟ ପାର୍କିଂ ସୁବିଧା ଆଲୋକ ବ୍ୟବସ୍ଥା ଓ ପର୍ଯ୍ୟଟକମାନଙ୍କ ସୁବିଧା ସୁଯୋଗକୁ ଦୃଷ୍ଟିରେ ରଖି ଅନେକ ବ୍ୟବସ୍ଥା ଗ୍ରହଣ କରାଯାଇଅଛି। ଖଣ୍ଡଗିରି କେବଳ ଏକ ପର୍ଯ୍ୟଟନ ସ୍ଥଳୀ ନୁହେଁ, ବରଂ ଓଡ଼ିଶାର ଧର୍ମ, ଐତିହ୍ୟ, କଳା, ସଂସ୍କୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଏକ ଜୀବନ୍ତ ପ୍ରତୀକ । ଏହାର ପର୍ଯ୍ୟଟନ ଗୁରୁତ୍ୱ ଓଡ଼ିଶାକୁ ଜାତୀୟ ଓ ଆନ୍ତଜାତୀୟ ସ୍ତରରେ ପରିଚିତ କରିବାରେ ସାହାଯ୍ୟ କରୁଛି । ତେଣୁ ଖଣ୍ଡଗିରି-ଉଦୟଗିରିର ସଂରକ୍ଷଣ ଓ ବିକାଶ ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।

## ଗମନାଗମନ ସୁବିଧା

ଖଣ୍ଡଗିରି-ଉଦୟଗିରି ବୁଲି ଯିବାକୁ ପର୍ଯ୍ୟଟକମାନଙ୍କ ପାଇଁ ଆକାଶମାର୍ଗ, ରେଳପଥ ଓ ସଡ଼କପଥର ସୁବିଧା ରହିଛି । ଏହି ପର୍ଯ୍ୟଟନ ପୀଠରୁ ମାତ୍ର ତିନି କିଲୋମିଟର ଦୂରରେ ଅବସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର । ଦେଶର ବିଭିନ୍ନ ରାଜ୍ୟକୁ ଆକାଶ ପଥରେ ସଂଯୁକ୍ତ କରେ ଏହି ବିମାନ ବନ୍ଦର । ଏତ୍‌ତ ବ୍ୟତୀତ ସଡ଼କ ପଥରେ ଆସିଲେ ଏକ କିଲୋମିଟର ଦୂରରେ ଅବସ୍ଥିତ ରାଜ୍ୟର ସବୁଠାରୁ ବୃହତ୍ ବସଷ୍ଟାଣ୍ଡ ବରମୁଣ୍ଡାସ୍ଥିତ ବାବା ସାହେବ ଭୀମରାଓ ବସ୍ ଟର୍ମିନାଲ୍ । ଏଠାରୁ ଟ୍ୟାକ୍ସି ବା ଅଟୋରେ ଆସି ସହଜରେ ଖଣ୍ଡଗିରିରେ ପହଞ୍ଚି ହେବ । ନିକଟବର୍ତ୍ତୀ ରେଳଷ୍ଟେସନ ହେଉଛି ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକ ସ୍ଥିତ ରେଳ ଷ୍ଟେସନ୍ । ତେଣୁ ଗମନାଗମନ ଦୃଷ୍ଟିରେ ବେଶ୍ ସୁବିଧାରେ ପର୍ଯ୍ୟଟକମାନେ ଖଣ୍ଡଗିରିରେ ପହଞ୍ଚି ପାରିବେ । ■

ୟୁନିଟ -୮, ଡେଲ୍‌ଟା,
ଭୁବନେଶ୍ୱର



# କବି ଲେଖନୀରେ ‘ଖଣ୍ଡଗିରି’




**ଶିଶିର ବେହେରା**

ପ୍ରାଚୀନ କଳିଙ୍ଗର ଇତିହାସ, କିମ୍ବଦନ୍ତୀ, ଧର୍ମ, ଲୋକବିଶ୍ୱାସ, ଜନଶ୍ରୁତି ଗଢ଼ିବାରେ ଖଣ୍ଡଗିରିର ପରିଚୟ ଅନନ୍ୟ ଓ ସ୍ୱତନ୍ତ୍ର। ଆଧ୍ୟାତ୍ମିକ ଦର୍ଶନଠାରୁ ଆରମ୍ଭ କରି ବିକଶିତ ସଭ୍ୟତା ସହ ଓତଃପ୍ରୋତ ଖଣ୍ଡଗିରି କେବଳ ମୂକସାକ୍ଷୀ ହୋଇ ଉଭା ହୋଇ ନାହିଁ; ବରଂ ବହୁ ଜୀବନ୍ତ ଇତିହାସ ଓ ଐତିହ୍ୟକୁ ଛାତିରେ ଯାବୋଡ଼ି ଧରି ସଦର୍ପରେ ଉଭା ହୋଇଛି ଆଜିଯାଏଁ। ମୁନିଋଷି, ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍, ଗବେଷକ, ସାହିତ୍ୟିକ, କଳାକାର, ଚିତ୍ରଶିଳ୍ପୀ, ପର୍ଯ୍ୟଟକ, ତୀର୍ଥଯାତ୍ରୀଙ୍କ ଯାଏଁ ସମସ୍ତଙ୍କ ମୁଖରେ ଏହାର ଗୌରବୋଜ୍ୱଳ ମହିମା କୀର୍ତ୍ତିତ।

ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ଏହି ପ୍ରସିଦ୍ଧ ପାହାଡ଼ ଜୈନଧର୍ମର ପବିତ୍ର ତପୋଭୂମି। ଏହାର ଗୁମ୍ଫାରେ ବହୁ ସାଧକମାନେ ବସି ସିଦ୍ଧିଲାଭ କରିଛନ୍ତି। ତିନିଗୋଟି ଶୃଙ୍ଗ ପ୍ରତୀୟମାନ ହେଉଥିଲେ ହେଁ ଚାରିଗୋଟି ପର୍ବତର ଏହା ସମାବେଶ। ଏହି ଗିରିପୁଞ୍ଜିକୁ ଖଣ୍ଡଗିରି କୁହାଯାଏ। ପୂର୍ବଦିଗସ୍ଥ ପ୍ରଥମ ପାହାଡ଼ଟିର ନାମ ଉଦୟଗିରି, ଅନ୍ୟ ତିନିଗୋଟି ପାହାଡ଼ର ନାମ ଖଣ୍ଡଗିରି, ନୀଳଗିରି ଓ ଧବଳଗିରି। ଏହାମଧ୍ୟରୁ ଖଣ୍ଡଗିରି ଓ ଉଦୟଗିରିର ଇତିହାସ ଓ ଐତିହ୍ୟ ଜନାଦୃତ। ଏହି ଗିରି ଦ୍ୱୟ ‘କୁମାରଗିରି’ ଏବଂ ‘କୁମାରୀଗିରି’ ନାମରେ ସୁପ୍ରସିଦ୍ଧ। କୁମାର କହିଲେ କାର୍ତ୍ତିକେୟଙ୍କୁ ବୁଝାଏ। କାର୍ତ୍ତିକଙ୍କର ଅନ୍ୟନାମ ସ୍କନ୍ଦ; ତେଣୁ ଏହି ନାମାନୁସାରେ କୁମାରଗିରି ‘ସ୍କନ୍ଦଗିରି’ ନାମରେ ପରିଚିତ। କ୍ରମେ ପ୍ରାକୃତ ଭାଷାରେ ଏହାର ନାମ ‘ଖଣ୍ଡଗିରି’ ହୋଇଅଛି। ସେହିପରି ଏହାର ସାମାନ୍ୟ ପୂର୍ବରେ ‘କୁମାରୀଗିରି’ ଅବସ୍ଥିତ ଥିବାରୁ ଏହା ମଧ୍ୟ କ୍ରମେ ‘ଉଦୟଗିରି’ ନାମ ଧାରଣ କରିଛି। ‘ସ୍ୱର୍ଣ୍ଣାଦି ମହୋଦୟ’ରେ ଏହି ପର୍ବତଦ୍ୱୟ ଖଣ୍ଡାଚଳ ଓ ଉଦୟାଚଳ ନାମରେ ବର୍ଣ୍ଣିତ। ମହାମେଘବାହନ ଐରଖାରବେଳ କୁମାରୀ ପର୍ବତରେ ଜୈନ ଧର୍ମର ପ୍ରଚାର ପାଇଁ ଯତ୍ନ କରିଥିଲେ ଏବଂ ଅର୍ହତମାନଙ୍କ ଲାଗି ସେହିଠାରେ ଗୁମ୍ଫା ମଧ୍ୟ ଖନନ କରାଇଥିଲେ। ହାତୀଗୁମ୍ଫା ଅଭିଲେଖ ଏହାର ସାକ୍ଷ୍ୟ ପ୍ରଦାନ କରେ।

ଖଣ୍ଡଗିରିର ଆଧ୍ୟାତ୍ମିକ ମହିମା ଓ କୀର୍ତ୍ତିରାଜିକୁ ଲେଖନୀମୁନରେ ସ୍ଥାନିତ କରିଛନ୍ତି କବି ଓ ଲେଖକମାନେ। ଶିଳ୍ପୀ ଓ କଳାକାରର ତୂଳୀରେ ଏହାର କାହାଣୀ, କିମ୍ବଦନ୍ତୀ ଓ ଇତିହାସ ଜୀବନ୍ୟାସ ପାଇଛି। ମହାବୀର ଜିନ ଏହିଠାରେ ଧମଚକ୍ର ପ୍ରବର୍ତ୍ତନ କରିଥିବାର ବିଷୟ ‘ଅଙ୍ଗୁତରାନିକାୟ’ରେ ଉଲ୍ଲେଖ ରହିଛି। ବିଶେଷକରି ବହୁ ଓଡ଼ିଆ ସନ୍ଥ ସାହିତ୍ୟର ସମୃଦ୍ଧ ମୂଳଦୁଆ ସ୍ଥାପନରେ ଖଣ୍ଡଗିରିର ଅବଦାନ ବିପୁଳ। ପଞ୍ଚସଖା ଯୁଗର କବିମାନଙ୍କ ସନ୍ଥ ଅଚ୍ୟୁତାନନ୍ଦ, ବଳରାମ, ଶିଶୁ ଅନନ୍ତଙ୍କ ରଚନାରେ ଏହାର ଭୂରି ଭୂରି ପ୍ରମାଣ ଓ ମହିମା କୀର୍ତ୍ତିତ। ‘ପଦ୍ମକଳ୍ପଟୀକା’ରେ ଅଚ୍ୟୁତାନନ୍ଦ କହିଛନ୍ତି: “ଏହି କଳିଯୁଗେ କଲ୍‌କୀ ଅବତାରରେ ହରି / ଶ୍ରୀ ଖଣ୍ଡଗିରିରେ ଥିବେ ସ୍ୱୟଂ ବିଜେ କରି / ପ୍ରଭୁ ଅବତରେ ନର ଦେହ ଧରି / ଗୁପତେ ରହିବେ ଆସି ଏହି ଖଣ୍ଡଗିରି।” ସେହିପରି ବଳରାମ ଦାସ ତାଙ୍କ ‘ଗୁପ୍ତଗୀତା’ରେ ଏହାକୁ ସନ୍ଥସାଧୁଙ୍କ ପୀଠରୂପେ ସ୍ୱୀକାର କରିଛନ୍ତି:





“ଯେ ବିନ୍ଦୁ ସାଗର ବୋଲାଇ/
ଗୋପ୍ୟେ ପାତାଳ ଗଙ୍ଗା ସେହି
ସାଧୁ ମାନଙ୍କ ସ୍ଥଳ ସେହୁ /
ସେଠାରେ ଖଣ୍ଡଗିରି ଯେହୁ।”





ସାଧୁସନ୍ଥଙ୍କ ସାଧନାର ଭୂମି ଖଣ୍ଡଗିରି। ସନ୍ଥ ଅରକ୍ଷିତ ଦାସ ଏହିଠାରେ ଅବସ୍ଥାନ ସହ ସାଧନାକରି ତାଙ୍କର ତତ୍ତ୍ୱପୂର୍ଣ୍ଣ ‘ମହୀମଣ୍ଡଳ ଗୀତା’ ରଚନା କରିଥିବାର କରିଅଛନ୍ତି। ଏଥିରେ ଖଣ୍ଡଗିରିର ବନ୍ଦନା କରିଛନ୍ତି ସେ :

“ଏହି ମଣ୍ଡଳେ ଭ୍ରମିଲି ବାରଯେ ବରଷ /
ଖଣ୍ଡଗିରି ବଇକୁଣ୍ଠେ ହେଲି ପରବେଶ।
ସାତଶ ବାଉନ ଗୁମ୍ଫା ସାଧୁମାନ ସ୍ଥାନ /
କିଏ ବା କେଉଁ ମନ୍ତ୍ରରେ କରନ୍ତି ଭଜନ।”




ସେହିପରି ତାଙ୍କର ‘ମହାଗୁପ୍ତ ପଦ୍ମକଳ୍ପ’ରେ ଖଣ୍ଡଗିରିର ମହାତ୍ମ୍ୟକୁ ମଧ୍ୟ ବ୍ୟକ୍ତ କରିଛନ୍ତି। ସନ୍ଥ ବାରଙ୍ଗ ଦାସ ତାଙ୍କର ‘ବ୍ରହ୍ମକୁଣ୍ଡଳୀ ଗୀତା’ରେ ଆପଣାର ଗୁରୁ ଶିଶୁ ଅନନ୍ତଙ୍କଠାରୁ ଖଣ୍ଡଗିରିରେ ଶ୍ରବଣ କରିଥିବା ଜ୍ଞାନକୁ ପ୍ରକାଶ କରିଅଛନ୍ତି- “ଶ୍ରୀଖଣ୍ଡଗିରିରେ ବସିଣ ବାରଙ୍ଗ ପୁଛିଲେ ଶିଶୁଙ୍କୁ ଚାହିଁ/ ବାରଙ୍ଗ ତାହାଯେ ଉକତ କରନ୍ତି ଖୁଣ୍ଟିଆଙ୍କୁ ସଙ୍ଗେ ନେଇ।” ମାଳିକାପୁରୁଷ ସନ୍ଥ ହାଡ଼ି ଦାସ ତାଙ୍କ ‘ମାଳିକାରେ ମଧ୍ୟ ଖଣ୍ଡଗିରିର ପରିଚୟ ମିଳେ –



“ଏହି ଖଣ୍ଡଗିରି ମଧ୍ୟରେ ସର୍ବେ ମିଳିତ ହେବ/
ଲିଙ୍ଗରାଜ କ୍ଷେତ୍ର ମଧ୍ୟରେ ନାମ ପ୍ରଚାର ହେବ।”

କବିବର ରାଧାନାଥ ରାୟ ସନ୍ଧ୍ୟାକାଳୀନ ଖଣ୍ଡଗିରିର ପ୍ରାକୃତିକ ଶୋଭାକୁ ‘ଉଷା’ କାବ୍ୟରେ ଅତି ଚମତ୍କାରଭାବରେ ବର୍ଣ୍ଣନା କରିଛନ୍ତି -“ଅସ୍ତଗାମୀ ରବି ବିଭା ଝଟକିଲା, ବଡ଼ ଦେଉଳ ତ୍ରିଶୂଳେ/ ଭାର୍ଗବୀ କୁଳିନ ହଂସରାଜି ଉଡ଼ି, ଗଲେ ଖଣ୍ଡଗିରି ଚୂଳେ।”

ଫକୀରମୋହନ ସେନାପତିଙ୍କ ‘ମୌନାମୌନୀ’ ଗପରେ ମଧ୍ୟ ଖଣ୍ଡଗିରି ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି। ଉତ୍କଳମଣି ଗୋପବନ୍ଧୁ ‘ବନ୍ଦୀର ସ୍ୱଦେଶ ଚିନ୍ତା’ରେ ଖଣ୍ଡଗିରି କଥା ଉଲ୍ଲେଖ କରିଛନ୍ତି। ଜନ୍ମଭୂମିଠାରୁ ଦୂରରେଥାଇ ତା’ର ଗୌରବମୟ ଐତିହ୍ୟ, ଇତିହାସକୁ ମନେପକାଇଛନ୍ତି:

“ଦେଖିନାହିଁ କେତେ ଦିନୁଁ ଖଣ୍ଡଗିରି
ଇତିହାସ ଯାର ଅଙ୍କେ ଅଙ୍କିତ
ଅମର ଅକ୍ଷରେ ନୀରବେ ଗମ୍ଭୀରେ
ଗାଏ ସେ ଉତ୍କଳ ଗୌରବ ଗୀତ।”

ସେହିପରି ‘ଅବକାଶ ଚିନ୍ତା’ରେ ଖଣ୍ଡଗିରିର ଗୌରବଗାଥା ଓ ମହାତ୍ମ୍ୟ ଉପସ୍ଥାପନ କରିଛନ୍ତି ଗୋପବନ୍ଧୁ -

“ଏହିକି ସେ ଖଣ୍ଡଗିରି ଯାର ବିଜନତା
ଏହିକି ସେ ଖଣ୍ଡଗିରି ଯାର ତରୁଲତା।
ବିମୋହିତ ପୂର୍ବେ ବୌଦ୍ଧ ତାପସ-ମାନସ
ଶୋଭଇ ଶରୀରେ ଯାର ଏବେ ବୌଦ୍ଧ-ଯଶ।”

ଖାରବେଳଙ୍କ ଶାସନକାଳୀନ କଳିଙ୍ଗର ସଂସ୍କୃତି, ସମାଜ, ଅର୍ଥନୀତି ବ୍ୟବସ୍ଥା, ରଣକୁଶଳତା, ସୈନ୍ୟବଳ, ଶିଳ୍ପନିପୁଣତା ‘ହାତୀଗୁମ୍ଫା ଅଭିଲେଖ’ରେ ଉତ୍କୀର୍ଣ୍ଣ ହୋଇଛି। ରଣପୁର ପ୍ରଜାନ୍ଦୋଳନର ବିପ୍ଳବୀ କବି ଦିବାକର ପରିଡ଼ା ଖଣ୍ଡଗିରିକୁ ସ୍ୱାଭିମାନ ଓ ଜାତୀୟତାର ପ୍ରତୀକଭାବରେ ଗ୍ରହଣ କରିଛନ୍ତି- “ଯା’ର ଇତିହାସ କହେ ଖଣ୍ଡଗିରି / ବାରବାଟୀ ଦୁର୍ଗେ ପରାସ୍ତ ବଇରି।” ‘ରାଜଧାନୀ’ କବିତାରେ କବି ଦୁଃଖୀଶ୍ୟାମ ଚୌଧୁରୀ କହିଛନ୍ତି: “ଜୈନଭିକ୍ଷୁ ତପୀ ଶ୍ରମଣ ସନ୍ନ୍ୟାସୀ / ସାଧୁ ଥିଲେ ତପ ନିର୍ବିଘ୍ନରେ ଆସି।”

ଓଡ଼ିଆ ସାହିତ୍ୟକୁ ବହୁଭାବରେ ପ୍ରଭାବିତ କରିଛି ଖଣ୍ଡଗିରି। ସାହିତ୍ୟରେ ଖଣ୍ଡଗିରିକୁ ଲେଖକମାନେ ପ୍ରାୟତଃ ବୈରାଗ୍ୟ, ଆତ୍ମସାଧନାର ପ୍ରତୀକଭାବେ ଦେଖାଇଛନ୍ତି। କବିମାନେ ଏହାର ନିର୍ଜନ ପାହାଡ଼, ପ୍ରାଚୀନ ଗୁହା ଓ ମୌନତା ଭିତରେ ମାନବ ଜୀବନର ଅନିତ୍ୟତାକୁ ପ୍ରକାଶ କରିଅଛନ୍ତି। ଖଣ୍ଡଗିରିର ଶାନ୍ତ-କାନ୍ତ ପରିବେଶ ତ୍ୟାଗ, ଧ୍ୟାନ ଓ ଶାନ୍ତିର ଭାବକୁ ଉଦ୍‌ବୋଧିତ କରିଛି। ଜାତୀୟଚେତନାକୁ ଜାଗ୍ରତ କରିବାରେ ଖଣ୍ଡଗିରି ହୋଇଛି ସହାୟକ। ଏହାରି ମାଧ୍ୟମରେ ଲେଖକ, କବି ନିଜ ଐତିହ୍ୟ, ଅସ୍ମିତା, ସଂସ୍କୃତି, ଇତିହାସକୁ ନେଇ ଗର୍ବବୋଧ କରିଛି। କେବଳ ଐତିହାସିକ ସ୍ଥାନ ନୁହେଁ; ଖଣ୍ଡଗିରି ଧର୍ମ, ଇତିହାସ, ସଂସ୍କୃତିର ଜୀବନ୍ତ ପ୍ରତୀକଭାବରେ ଉଭା ହୋଇ ରହିଛି। ■

**ସହକାରୀ ପ୍ରଫେସର**
**ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ, ବାରିପଦା**








## ଉଦାସୀ ମନ, ଓଜନିଆ ହୃଦୟ

ସୁରେଶବାବୁ ଜଣେ ଭଦ୍ରଲୋକ । ମୋହନ ସରକାରରେ ରାଜସ୍ୱ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ । ନିକଟରେ ପୁଅର ବିବାହ କରିଛନ୍ତି । ଯେଉଁ ସମୟରେ ସେ ସାମାଜିକ ଓ ପାରିବାରିକ ସୁଖରେ ସେ ସୁଖୀ ଅନୁଭବ କରିବା କଥା; ସେହି ସମୟରେ ସମୁଦ୍ର କୂଳରେ ଉଦାସ ମନ ଓ ଓଜନିଆ ହୃଦୟରେ ସେ ରିଲ୍‌ସ ରିଲ୍ସ କରୁଥିବା ଦେଖିବାକୁ ମିଳିଛି । ପଦାର୍ଥ ବିଜ୍ଞାନରେ ଜ୍ଞାନୀ, ଆଇନ ଶାସ୍ତ୍ରରେ ବିଦ୍ୱାନ ସୁରେଶଙ୍କ ହୃଦୟ ତଳେ କେଉଁ ଅଦେଖା ଦୁଃଖଟି ରହି ଯାଇଛି ଯେ ଯାହାକୁ ସେ ପ୍ରକାଶ କରିପାରୁ ନାହାନ୍ତି, ସେ କଥା ଅନେକଙ୍କୁ ଅଜଣା । ମାତ୍ର ସାଂଖ୍ୟିକ ଶାସ୍ତ୍ରବିତ୍‌ମାନେ ସୁରେଶଙ୍କ ସମ୍ପର୍କରେ ଭିନ୍ନ କଥା କହନ୍ତି । ତାଙ୍କର ବୃତ୍ତି, ଜୀବନ ଓ ରାଜନୀତିରେ ସଫଳତା ବା ବିଫଳତା ସବୁ ଜନ୍ମ ତାରିଖରେ ରହିଛି । ନାମରୁ 'କୁମାର' କାଟି ନିଜକୁ ସେ କେବଳ ସୁରେଶ ପୂଜାରୀ ଭାବରେ ପରିଚିତ କରାଉଛନ୍ତି; ହେଲେ ଜନ୍ମ ତାରିଖ ଓ ମୂଳାଙ୍କ ଯୋଗୁଁ ତାଙ୍କର ଅନେକ ଇଚ୍ଛା ଅପୂରଣୀୟ ହୋଇ ରହିଯାଉଛି । ଚନ୍ଦ୍ର ଓ ମଙ୍ଗଳଙ୍କ ପରସ୍ପର ବିପରୀତଧର୍ମୀ ଆଭିମୁଖ୍ୟ ଅନେକ ସମୟରେ ତାଙ୍କ ଅଗ୍ରଗତିରେ ବାଧକ ହୋଇଛି । ନ ହେଲେ ତାଙ୍କ ପରି ଫାୟାର ବ୍ରାଣ୍ଡ ନେତା ଅନେକବାର ବିଧାନସଭା ନିର୍ବାଚନରେ କ'ଣ ପରାଜିତ ହୋଇଥାଆନ୍ତେ ? ମୁଖ୍ୟମନ୍ତ୍ରୀ ମୁକୁଟ ମିଳୁମିଳୁ କ'ଣ ମୁକୁଟ ହାତଛଡ଼ା ହୋଇ ଯାଇଥାଆନ୍ତା ? ମାତ୍ର ସମୁଦ୍ର କୂଳରେ 'ସାଗର କିନାରେ ଦିଲ୍ ୟେ ପୁକାରେ, ତୁ ଯୋ ନେହିଁ ତୋ ମେରା କୋଇ ନେହିଁ...' ଗୀତ ସହ ସୁରେଶଙ୍କ ରିଲ୍ସ ଦେଖି ଅନେକ ସୁରେଶପ୍ରେମୀଙ୍କ ହୃଦୟ ବିଦୀର୍ଣ୍ଣ ହୋଇ ଯାଇଛି । ସମ୍ବଲପୁର ଆଡୁ ଆମର କିଛି ବନ୍ଧୁ ପଚାରୁଛନ୍ତି- 'କେଁ ହେଲା ଯେ, ଦାଦା ଏନ୍ତା କଲେ...' । ■



## ଡଉଲ ଡାଉଲ ତାଳ ଫୋଟକା

ଆମ ରାଇଜର ସ୍ୱାସ୍ଥ୍ୟମନ୍ତ୍ରୀ ବାବୁ ମୁକେଶ ମହାଲିଙ୍ଗ ଜଣେ ପରିବେଶ ବୈଜ୍ଞାନିକ । ପରିବେଶ ସହ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ବାବୁ ଭାରି ସଚେତନ । ଆୟୁଷ୍ମାନରେ ଲୋକଙ୍କୁ ଟଙ୍କା ଦେବାରେ ତାଙ୍କ ବିଭାଗର କାର୍ପଣ୍ୟ କରୁଥିବା ଦେଖି ମୁକେଶବାବୁ ଏବେ ରାଜ୍ୟରେ ପାନମସଲା, ତମାଖୁ, ଗୁଟ୍‌ଖା, ପାନମସଲାର ଉତ୍ପାଦନ, ପ୍ୟାକିଂ, ସଂରକ୍ଷଣ ଓ ବିକ୍ରି କଡ଼ାକଡ଼ି କରାଯିବ ବୋଲି ଘୋଷଣା କରିଛନ୍ତି । ଅବଶ୍ୟ ରାଜ୍ୟରେ ଏହି ସାମଗ୍ରୀ ଉପରେ କଟକଣା ନୂଆ କଥା ନୁହେଁ । ୨୦୧୩ରୁ ରାଜ୍ୟରେ ଏପରି ନିୟମ ଅଛି, ମାତ୍ର ଲୋକେ ମାନୁ ନ ଥିବାରୁ ମୁକେଶ ବାବୁ ସେହି ପୁରୁଣା ନିୟମକୁ କଡ଼ାକଡ଼ି ପାଳନ କରାଯିବ ବୋଲି କହିଛନ୍ତି । ତେବେ ସତରେ ଏହା ପାଳନ ହେବ ନା ଡଉଲ ଡାଉଲ ତାଳ ଫୋଟକା ପରି ଫୁର୍‌ସି ଯିବ ତାହା ଜଣା ପଡୁ ନାହିଁ । ସାରା ଦେଶରେ ପାନମସଲା ଓ ତମାଖୁ ବଜାର ପ୍ରାୟ ୪୮ ହଜାର କୋଟି । ଏଥିରୁ ଭାରତ ସରକାର ୧୨ ହଜାର କୋଟି ଟଙ୍କା ରାଜସ୍ୱ ପାଇଥାଆନ୍ତି । ନିର୍ମଳା ମ୍ୟାଡ଼ାମ୍ ଏହି ସାମଗ୍ରୀର ଟିକସ ହାର୨୫%ରୁ ବଢ଼ାଇ ୮୮% ବଢ଼ାଇବା ପରେ କେନ୍ଦ୍ର ସରକାରଙ୍କ ରାଜସ୍ୱ ପ୍ରାୟ ଦୁଇଗୁଣ ହେବ । ଗଲା ସନ ଓଡ଼ିଶା ଏହି ସାମଗ୍ରୀରୁ ୧୦୪୭ କୋଟି ଟଙ୍କା ରାଜସ୍ୱ ପାଇଥିଲା, ଏବେ ଅଧିକ ଟିକସ ଆଦାୟ ହେବ । ୧୩୦୦ କୋଟି ଚାଲାଣ ଆଦାୟ ପାଇଁ ବିଭୁତିବାବୁଙ୍କ ପରିବହନ ବିଭାଗ ଲୋକଙ୍କ ଉପରେ ଜୁଲୁମ ଚଳାଇଛନ୍ତି । ଆଉ ଗୁଟ୍‌ଖା ଓ ପାନମସଲା ବନ୍ଦ କରି ରାଜକୋଷକୁ ବର୍ଷକୁ ଆସୁଥିବା ହଜାରେ ଦେଢ଼ ହଜାର କୋଟି ଟଙ୍କାର ରାଜସ୍ୱ ସରକାର ଏମିତି ଛାଡ଼ିଦେବେ ? ଗୁଟ୍‌ଖା କମ୍ପାନୀବାଲା ଖାଲି ମନ୍ତ୍ରୀଙ୍କୁ ଟିକେ ଭେଟନ୍ତୁ, ଯା ପରେ ସମାଧାନ ରାସ୍ତା ବାହାରିବ ନାହିଁ ? ■



## ଠେଙ୍ଗାପତି ଓ ତ୍ରିକୋଣ ବସନ

ପଦ୍ମ ଦଳର ଏକାମ୍ରାଧିପତି ହେଲେ ଠେଙ୍ଗାଧାରୀ ବାବୁ ସିଂହ । ଗଲା ସନ ଖଣ୍ଡଗିରି ମେଳା ଯାତ୍ରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କଲେ ଠେଙ୍ଗା ବୁଲିବ ବୋଲି ବାବୁ ଚେତାବନୀ ଦେବା ପରେ କେହି କେହି ତାଙ୍କୁ ଠେଙ୍ଗା ପତି ବୋଲି ବି ଅଭିହିତ କରୁଥିବା ଦେଖା ଯାଇଥିଲା । ଯାତ୍ରା ମଞ୍ଚରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ ଆଦୌ ଗ୍ରହଣୀୟ ନୁହେଁ, ଏ କଥା ସମସ୍ତେ ମାନୁଛନ୍ତି । ଏପରି ନୃତ୍ୟ କରାଉଥିବା ଯାତ୍ରା ଦଳ ଓ କମିଟି, ନୃତ୍ୟ ପ୍ରଦର୍ଶନ କରୁଥିବା ନର୍ତ୍ତକୀଙ୍କୁ ବାସନ୍ଦ କରିବାକୁ ଦାବି ବି ହେଉଛି । ସେଥିପାଇଁ ବାବୁଙ୍କ ଠେଙ୍ଗା ବୁଲାକୁ ଅନେକ ସମର୍ଥନ ଜଣାଇଛନ୍ତି । ମାତ୍ର ଯାତ୍ରା ମଞ୍ଚରେ ଅଶ୍ଳୀଳ ନୃତ୍ୟକୁ ବିରୋଧ କରୁଥିବା ବାବୁ ଏକାମ୍ର ଆରାଧ୍ୟ ଲିଙ୍ଗରାଜଙ୍କ ଭଜନ ମଣ୍ଡପରେ କ୍ଷୁଦ୍ର ତ୍ରିକୋଣ ବସନଧାରୀ ମହିଳା ଶରୀର ବା କାୟା ସାଧନୀ (ବଡି ବିଲ୍‌ଡର)ଙ୍କ ପ୍ରତିଯୋଗିତାରେ ଅତିଥି ରୂପେ ଯୋଗଦାନକୁ ରାଜଧାନୀର ଅନେକ ଲୋକ ଠିକ୍ ଭାବରେ ଗ୍ରହଣ କରିପାରୁ ନାହାନ୍ତି । ରକ୍ଷଣଶୀଳ ମଧ୍ୟବିତ୍ତ ପରମ୍ପରାରେ ମହିଳାଙ୍କ ବଡ଼ି ବିଲ୍‌ଡିଂ ଏଯାଏ କେବଳ ଦର୍ଶକଙ୍କ ନୟନ ସୁଖ ପର୍ଯ୍ୟାୟରେ ସୀମିତ ରହିଛି । ଆନ୍ତର୍ଜାତୀୟ ଅଲିମ୍ପିକ ଆସୋସିଏସନ ବଡ଼ି ବିଲ୍‌ଡିଂକୁ ୧୯୯୮ରେ ସ୍ୱୀକୃତି ଦେଇଥିଲେ ହେଁ ପରବର୍ତ୍ତୀ ସମୟରେ ତାହାକୁ ପ୍ରତ୍ୟାହାର କରି ନେଇଛି । ବଡ଼ି ବିଲ୍‌ଡିଂ ଏକ କଳା କି କ୍ରୀଡ଼ା ତାହାକୁ ନେଇ ବିତର୍କର ଶେଷ ହୋଇ ନାହିଁ । ଓଡ଼ିଶାରେ ମହିଳାଙ୍କ ବଡ଼ି ବିଲ୍‌ଡିଂ ବା କାୟା ସାଧନୀ ପ୍ରତିଯୋଗିତା ଅନେକ ଦିନରୁ ଆୟୋଜିତ ହୋଇ ଆସୁଥିଲେ ହେଁ ତାହା ଏତେ ଗ୍ରହଣୀୟତା ପାଇନାହିଁ । ମାତ୍ର ମହିଳା କାୟା ସାଧନୀ ପ୍ରତିଯୋଗିତାରେ ରକ୍ଷଣଶୀଳ ବାବୁଙ୍କ ଉପସ୍ଥିତି ତାଙ୍କ ଠେଙ୍ଗା ପଣକୁ ଯେ ଉଣା କରି ଦେଇଛି, ଏଥିରେ କୌଣସି ଦ୍ୱିରୁକ୍ତି ନାହିଁ । ■



## ସବୁଜ ହୃଦୟ, ଉତ୍ତରୀ ଗେରୁ

ନିକଟରେ ଗୋଟେ ଭିଡ଼ିଓ ଦେଖିଲୁ । ଭିଡ଼ିଓଟି ଯାଜପୁର ଜିଲ୍ଲାରେ ପଦ୍ମ ଦଳର ଏକ ମିଶ୍ରଣ କାର୍ଯ୍ୟକ୍ରମର ବୋଲି ଜଣା ପଡୁଥିଲା । ଏଥିରେ ଏକଦା ଶଙ୍ଖପତିଙ୍କ ଆଶୀର୍ବାଦରେ ଏକଦା ସଂସଦକୁ ନିର୍ବାଚିତ ହୋଇଥିବା ରୀତା ତରେଇ ମ୍ୟାଡ଼ାମ୍ ବିଜୁ ଜନତା ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଥିବା କଥା ଶୁଣି ଆମ ମୁଣ୍ଡ ଗୋଲ୍ । ଅବଶ୍ୟ କହିବା ବେଳେ ଏମିତି ଭୁଲ୍ ବେଳେବେଳେ ହୋଇଯାଏ । ଦୀର୍ଘବର୍ଷ ଧରି ଗୋଟାଏ ଦଳରେ ଥିବାବେଳେ ହଠାତ୍ ଟ୍ରାନ୍‌ଜିସନ ଆସିଲେ ଏମିତି ହୁଏ । ହେଲେ ତାଙ୍କ ସବୁଜ ହୃଦୟ କାହିଁକି ଗେରୁ ବର୍ଣ୍ଣ ପ୍ରତି ଆକର୍ଷିତ ହେଲା ଓ ରୀତା ଗେରୁଆ ଉତ୍ତରୀୟ ପକାଇଲେ ତାହା ଆମେ ବୁଝି ପାରିଲୁ ନାହିଁ । ପଲ୍ଲୀଶ୍ରୀ ମହିଳା ମହାବିଦ୍ୟାଳୟରୁ ଯୁକ୍ତ ଦୁଇ ଶିକ୍ଷା ଲାଭ କରିଥିବା ରୀତାଙ୍କୁ ଶଙ୍ଖପତି ୨୦୧୪ରେ ଷୋଡ଼ଶ ଲୋକସଭା ନିର୍ବାଚନରେ ଯାଜପୁର ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ କରିଥିଲେ । ରୀତା ବିଜୟୀ ହେଲେ, ମାତ୍ର ଯେଉଁ ସମୟରେ ଦେଶ ଓ ଓଡ଼ିଶାର ଲୋକସଭା ସାଂସଦମାନେ ପାଞ୍ଚ ବର୍ଷରେ ହାରାହାରି ୬୭ଟି ବିତର୍କରେ ଭାଗ ନେଇଥିଲେ, ସେତେବେଳେ ୫ ବର୍ଷର କାର୍ଯ୍ୟକାଳରେ ୧୭ଟି ଅଧିବେଶନରେ ରୀତାଙ୍କ ବିତର୍କର ଅଂଶ ସଂଖ୍ୟା ଥିଲା ମାତ୍ର ୧୮ । ପ୍ରାଇଭେଟ୍ ମେମ୍ବର ବିଲ୍ ଆଣିବାରେ ତାଙ୍କର ଅବଦାନ ଥିଲା ଶୂନ । ତାଙ୍କର ପାଞ୍ଚ ବର୍ଷର ପାରିବା ପଣିଆ ଦେଖିବା ପରେ ହୁଏତ ଶଙ୍ଖପତି ରୀତାଙ୍କ ସ୍ଥାନରେ ପୂର୍ବତନ ଓଏଏସ୍ ଅଧିକାରୀ ଶର୍ମିଷ୍ଠାଙ୍କୁ ସୁଯୋଗ ଦେଇଥାଇ ପାରନ୍ତି । ମାତ୍ର ଦୀର୍ଘ ବ୍ୟବଧାନରେ ରାଜନୈତିକ ମଞ୍ଚରେ ରୀତାଙ୍କ ପୁନଃ ଆବିର୍ଭାବ ପଛରେ ଲିକୁଙ୍କ ଯେତେ ଅବଦାନ ଥାଉ ନା କାହିଁକି, ତାଙ୍କ ହୃଦୟରେ ଏବେ ବି ସବୁଜ ପ୍ରତି ରହିଥିବା ଦୁର୍ବଳତା ଜଳଜଳ ଦିଶୁଛି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।